

# ଏକ ଉଦ୍ଦୀପନାଯୁକ୍ତ ମଣ୍ଡଳୀ

“.... ପୁଣି, ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ”। ପ୍ରେରିତ 2:47

ଆଶିଷ୍ ରାଇଚୁର୍

**କେବଳ ମାଗଣା ବଣ୍ଟନ ନିମନ୍ତେ**
ଅଲ୍ ପିପୁଲ୍ସ ଚର୍ଚ୍ଚ ଏଣ୍ଡ ୱାର୍ଲ୍ଡ ଆଉଟରିଚ୍, ବାଙ୍ଗାଲୋର, ଭାରତ ଦ୍ଵାରା ମୁଦ୍ରଣ ଓ ବଣ୍ଟନ
ବର୍ତ୍ତମାନ ସଂଶୋଧନ: 2024

**ଯୋଗାଯୋଗ ସୂଚନା**
All Peoples Church & World Outreach,
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: **bookrequest@apcwo.org**
Website: **apcwo.org**

ଅନ୍ୟଥା ସୂଚୀତ ନ ହେବା ପର୍ଯ୍ୟନ୍ତ , ସମସ୍ତ ଶାସ୍ତ୍ରର ଉଦ୍ଧୃତିଗୁଡ଼ିକ ପବିତ୍ର ବାଇବଲ, ବିଏସି - ଓଡ଼ିଆ - ଓଭି ବାଇବଲ ସୋସାଇଟି ଅଫ୍ ଇଣ୍ଡିଆ (BSI) ଦ୍ଵାରା ପ୍ରକାଶିତ | ଅନୁମତି ଦ୍ଵାରା ବ୍ୟବହୃତ | ସମସ୍ତ ଅଧିକାର ସଂରକ୍ଷିତ ଆର୍ଥିକ ସହଭାଗିତା

**ଆର୍ଥିକ ସହଭାଗିତା**
ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟଗଣ, ସହକର୍ମୀଗଣ ଓ ବନ୍ଧୁମାନଙ୍କ ଆର୍ଥିକ ସାହାଯ୍ୟ ସକାଶେ ଏହି ପ୍ରକାଶନର ସମସ୍ତ ବହି ମାଗଣା ବଣ୍ଟନ କରିବା ପାଇଁ ସମ୍ଭବ ହୋଇଅଛି । ଯଦି ଆପଣ ଏହି ମାଗଣା ପ୍ରକାଶନ ମାଧ୍ୟମରେ ସମୃଦ୍ଧ ହୋଇଅଛନ୍ତି,ତେବେ ଆମର ଅଲ୍ ପିପୁଲ୍ସ ଚର୍ଚ୍ଚର ସମସ୍ତ ମାଗଣା ପ୍ରକାଶନର ମୁଦ୍ରଣ ଓ ବିତରଣରେ ଆର୍ଥିକ ସହାୟତା କରିବା ନିମନ୍ତେ ଆମେ ଆପଣଙ୍କୁ ନିମନ୍ତ୍ରଣ ଆମେ ଆପଣଙ୍କୁ ନିମନ୍ତ୍ରଣ କରୁଛୁ । କିପରି ଆପଣ ସାହାଯ୍ୟ ଦାନ କରିପାରିବେ ଏଥିପାଇଁ ଆମର ୱେବସାଇଟ ଦେଖନ୍ତୁ **apcwo.org/give** କିମ୍ବା ଏହି ପୁସ୍ତକର ପଛ ପାର୍ଶ୍ଵରେ ଲେଖା ଥିବା "ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର" ପୃଷ୍ଠାଟି ଦେଖନ୍ତୁ ।

**ମାଗଣା ଉତ୍ସର୍ଗୀକୃତ ପୁସ୍ତକଗୁଡିକ ଏବଂ ୱେବସାଇଟ ସମ୍ବନ୍ଧୀୟ ବିଷୟ**
**ଉପଦେଶଗୁଡ଼ିକ:** apcwo.org/sermons | **ପୁସ୍ତକଗୁଡ଼ିକ:** apcwo.org/books
**ଚର୍ଚ୍ଚର ଆପ:** apcwo.org/app | **ବାଇବଲ ମହାବିଦ୍ୟାଳୟ:** apcbiblecollege.org
**ଇ-ଶିକ୍ଷା:** apcbiblecollege.org/elearn | **ପରାମର୍ଶ:** chrysalislife.org
**ସଙ୍ଗୀତ:** apcmusic.org | **ସେବକମାନଙ୍କ ସହଭାଗୀତା:** pamfi.org
**ଏପିସି ବିଶ୍ୱସ୍ତରୀୟ ଲକ୍ଷ୍ୟ:** apcworldmissions.org

(Odia – A Church in Revival)

# ଏକ ଉଦ୍ଦୀପନାଯୁକ୍ତ ମଣ୍ଡଳୀ

"…. ପୁଣି, ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ"। ପ୍ରେରିତ 2:47

# ସୂଚୀପତ୍ର

ଉପକ୍ରମ
1. ଯିରୁଶାଲମର ମଣ୍ଡଳୀ 1
2. ଏକ ଉଦ୍ଦୀପନାଯୁକ୍ତ ମଣ୍ଡଳୀ 9

# ଉପକ୍ରମ

ଉଦ୍ଦୀପନା ପରମେଶ୍ୱରଙ୍କ ପରିଦର୍ଶନର ଏକ ଅନୁକୂଳ ସମୟ ଅଟେ । ଏହା ସ୍ୱର୍ଗରୁ ପୃଥିବୀ ଉପରେ ପବିତ୍ରଆତ୍ମାଙ୍କ ଭାରି ବୃଷ୍ଟିପାତର ଉପଯୁକ୍ତ ସମୟ ଅଟେ । ଈଶ୍ୱରଙ୍କ ପରିଦର୍ଶନ ସମୟରେ ଭିନ୍ନ ପ୍ରକାର ଘଟଣାମାନ ଘଟିଥାଏ । 2008 ସାଲର ପ୍ରାରମ୍ଭରେ ଈଶ୍ୱରଙ୍କଠାରୁ ଆମେ ଯେଉଁ ବାକ୍ୟ ପାଇଲୁ ତାହା ଥିଲା, ଏହି ବର୍ଷ ଆତ୍ମିକ ଓ ଜାଗତିକ ଆଶୀର୍ବାଦ ବୃଷ୍ଟିର ବର୍ଷ ହେବ । ଯଦିଓ କେଉଁ ବିଷୟଗୁଡ଼ିକ ଆମେ ପାଇବାକୁ ଯାଉଛୁ ତାହା ନିର୍ଦ୍ଦିଷ୍ଟ ଭାବରେ ଆମେ ଜାଣି ନ ଥିଲୁ, ଆମେ ଏତିକି ଜାଣିଥିଲୁ ଯେ ପରମେଶ୍ୱର କହୁଛନ୍ତି ଏହି ବର୍ଷ ଭାରି ବୃଷ୍ଟିପାତର ବର୍ଷ ହେବ । କେବଳ ବର୍ଷର ଶେଷଆଡ଼କୁ ଆମେ ଏହିସବୁ ଘଟଣା ଘଟିବା ଦେଖିବାକୁ ପାଇଲୁ ଏବଂ ବର୍ତ୍ତମାନ ଆମେ ଈଶ୍ୱର ଦେଇଥିବା ପ୍ରତିଜ୍ଞା ଆଡ଼କୁ ଅଗ୍ରସର ହେଉଛୁ ପୁଣି, ଉଦ୍ଦୀପନାକୁ, ଆତ୍ମାଙ୍କ ଏକ ଭାରି ବୃଷ୍ଟିପାତକୁ ଓ ସ୍ୱର୍ଗୀୟ ପରିଦର୍ଶନକୁ ସ୍ୱାଗତ କରିବାପାଇଁ ନିଜକୁ ପ୍ରସ୍ତୁତ କରୁଛୁ ।

ଆମେ ପରମେଶ୍ୱରଙ୍କୁ ଉଦ୍ଦୀପନା ପଠାଇବା ପାଇଁ—ଏକ ଆତ୍ମିକ ବୃଷ୍ଟି କିମ୍ବା ତାହାଙ୍କ ପରିଦର୍ଶନ ପାଇଁ ପ୍ରାର୍ଥନା କରିଥାଉ, କିନ୍ତୁ ଉଦ୍ଦୀପନା ଯେତେବେଳେ ଆସେ ଆମେ କ'ଣ ସେଥିପାଇଁ ପ୍ରସ୍ତୁତ ରହୁ କି? ଉଦ୍ଦୀପନା ଆସିବା ଯେତେବେଳେ ଦେଖାଯାଏ ଆମେ ପ୍ରସ୍ତୁତ ହୋଇଯିବା ଆବଶ୍ୟକ!

ଯେତେବେଳେ ଉଦ୍ଦୀପନା ଆସେ ସେତେବେଳେ ମଣ୍ଡଳୀ କିଭଳି ଦେଖାଯିବ? ଯେତେବେଳେ ମଣ୍ଡଳୀରେ ଏକ ସ୍ୱର୍ଗୀୟ ଆତ୍ମିକ ବୃଷ୍ଟି, ଈଶ୍ୱରଙ୍କ ଏକ ଆତ୍ମିକ ପରିଦର୍ଶନ ହୁଏ ଏବଂ ଯଦି ଆପଣ ଓ ମୁଁ ସେହି ଉଦ୍ଦୀପନା ମଧ୍ୟରେ ଥାଉ ତେବେ ଆମ ପ୍ରତି କଣ ଘଟିବ? ଗୋଟିଏ ବିଷୟ ନିଶ୍ଚିତ ଯେ ଆମେ ବର୍ତ୍ତମାନ ମଣ୍ଡଳୀକୁ ଯେଉଁଭଳି ଦେଖୁଛୁ, ତାହା ଆଉ ସେହିପରି ନ ଥିବ । ଆମେ ମାଣ୍ଡଳିକ ଭାବେ ଯେବେ ରବିବାରରେ ଏକତ୍ରିତ ହେଉ, ସାଧାରଣତଃ ପାଳକଙ୍କ ଉପଦେଶ ସମାପ୍ତ ହେବାଯାଏ ଆମେ ଅପେକ୍ଷା କରିଥାଉ । ଆଉ କେତେଜଣ ମଧ୍ୟ ପ୍ରଚାର ଚାଲିଥିବାବେଳେ ଶୋଇଯାଆନ୍ତି ଏବଂ ତା'ପରେ ଘରକୁ ଚାଲିଯାଆନ୍ତି । କିନ୍ତୁ ଯେତେବେଳେ ଈଶ୍ୱର

ପରିଦର୍ଶନ କରନ୍ତି, ମଣ୍ଡଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଏ । ଈଶ୍ୱରଙ୍କ ପ୍ରେରିତ ଭାରି ବୃଷ୍ଟିପାତ ପାଇଁ ପ୍ରସ୍ତୁତ ହୁଅନ୍ତୁ ।

ଆପଣମାନଙ୍କୁ ଆଶିର୍ବାଦ କରନ୍ତୁ!
ଆଶିଷ୍ ରାଇଚୁର୍

# 1
# ଯିରୁଶାଲମର ମଣ୍ଡଳୀ

ଯେତେବେଳେ ଈଶ୍ୱର ଚଳପ୍ରଚଳ ହୁଅନ୍ତି ଓ ଆମେମାନେ ତାହାଙ୍କ ପରିଦର୍ଶନର ଅନୁକୂଳ ସମୟରେ ପ୍ରବେଶ କରୁ ସେହି ସମୟରେ ମାଣ୍ଡଳିକ ଜୀବନ କିପ୍ରକାର ହେବ ତାହାର ଏକ ଚିତ୍ର ବା ଦର୍ଶନ ପ୍ରଦାନ କରିବା ଏହି ପୁସ୍ତକର ଉଦ୍ଦେଶ୍ୟ । ଆସୁ ଆମେ ପ୍ରେରିତ ପୁସ୍ତକର ପ୍ରଥମ ଆଠଟି ଅଧ୍ୟାୟ ଅଧ୍ୟୟନ କରିବା ଏବଂ ଯିରୁଶାଲମରେ ସଂଘଠିତ ହୋଇଥିବା ଉଦ୍ଦୀପନା କେତୋଟି ମୁଖ୍ୟାଂଶକୁ ଅନୁଶୀଳନ କରିବା— ଏକ ସ୍ୱର୍ଗୀୟ ପରିଦର୍ଶନ ଯାହା ଯିରୁଶାଲମ ମଣ୍ଡଳୀକୁ ଜନ୍ମ ଦେଇଥିଲା । ଆମେ "ଉଦ୍ଦୀପନା" ସମ୍ବନ୍ଧରେ ଏବଂ ମାଣ୍ଡଳୀକ ଜୀବନ କିପ୍ରକାର ହେବ ତାହା ଯିରୁଶାଲମର ମଣ୍ଡଳୀରୁ ଶିଖିପାରିବା ଯାହା ସ୍ୱର୍ଗୀୟ ପରିଦର୍ଶନ ମଧ୍ୟରେ ଜନ୍ମ ନେଇଥିଲା ।

## ଏକତା ଓ ପ୍ରାର୍ଥନାରୁ ଜାତ

ଉଦ୍ଦୀପନାର ପୂର୍ବସୂଚନା ବା ଲକ୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ ଲକ୍ଷଣ କଣ ଥିଲା- ସ୍ୱର୍ଗରୁ ପବିତ୍ରଆତ୍ମାଙ୍କ ବୃଷ୍ଟିପାତ ମଧ୍ୟକୁ ବାସ୍ତବରେ ପ୍ରବେଶ କରିବା ପୂର୍ବରୁ ଯିରୁଶାଲମର ଲୋକମାନେ କେଉଁ ପ୍ରକାରର ପ୍ରସ୍ତୁତି ମଧ୍ୟଦେଇ ଯାଇଥିଲେ? ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଯିରୁଶାଲମରେ ଅପେକ୍ଷା କରିବାକୁ କହିଥିଲେ କାରଣ ଆତ୍ମାଙ୍କ ଏକ ବୃଷ୍ଟିପାତ ଆସିବାର ଥିଲା । ସେ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ବିଷୟରେ କହିଲେ ଏବଂ ସେଠାରେ କେବଳ ଅପେକ୍ଷା କରିବାକୁ କହିଲେ । ଉଦ୍ଦୀପନାର ଭାରି ବୃଷ୍ଟିପାତର ପୂର୍ବସୂଚନା ପ୍ରେରିତ 1:14ରେ ଲେଖାଯାଇଛି ।

**ପ୍ରେରିତ 1:14**
**ଏମାନେ ସମସ୍ତେ ସ୍ତ୍ରୀଲୋକମାନଙ୍କ ସହିତ ଏବଂ ଯୀଶୁଙ୍କ ମାତା ମରିୟମ ଓ ତାହାଙ୍କ ଭାଇମାନଙ୍କ ସହିତ ଏକ ଚିତ୍ତରେ ପ୍ରାର୍ଥନାରେ ନିବିଷ୍ଟ ହୋଇ ରହିଲେ ।**

ସମସ୍ତ 120 ଜଣ ଶିଷ୍ୟମାନେ ଯିରୁଶାଲମରେ ଏକଚିତ୍ତରେ ପ୍ରାର୍ଥନା ଓ ବିନତିରେ ନିବିଷ୍ଟ ରହିଥିଲେ । ଏଠାରେ ଦୁଇଟି ବିଷୟ ଲକ୍ଷ୍ୟ କରିବା:

## *ଗୋଟିଏ ଚୁକ୍ତି—ଗୋଟିଏ ମନର*

ପ୍ରଥମ ବିଷୟ ହେଉଛି, "ଏକ ଚିତ୍ତ" ଅର୍ଥାତ୍ "ଏକମନା ହେବା" । ବାଇବଲ କୁହେ ଯେ ସେମାନେ ସମସ୍ତେ ଏକ ଚିତ୍ତରେ ଥିଲେ । ସେମାନେ କେବଳ ଏକ ଚିତ୍ତରେ ଆରମ୍ଭ କଲେ ନାହିଁ କିନ୍ତୁ ଏକ ଚିତ୍ତରେ ରହିବା ଜାରି ରଖିଲେ । ତେଣୁ, ଏକତା—ଏକାଠି ରହିବା, ଏକମନା ହେବା ଏବଂ ଏକ ଲକ୍ଷ୍ୟରେ ରହିବା—ଅତି ଜରୁରୀ ଅଟେ । ଗୋଟିଏ ବିଷୟକୁ ଲକ୍ଷ୍ୟ କରିବା ବା ଗୋଟିଏ ବିଷୟ ଆଡ଼କୁ ଅଗ୍ରସର ହେବା ଏକ ଗୁରୁତ୍ୱପୂର୍ଣ୍ଣ ପୂର୍ବ-ଆବଶ୍ୟକତା ଅଟେ ଯାହା ଆମକୁ ଈଶ୍ୱରଙ୍କ ଭାରି ବୃଷ୍ଟିପାତ ମଧ୍ୟକୁ ନେଇଯିବ । ଯେଉଁ ପରିବେଶରେ ଏକତା ରହିଛି, ସେଠାରେ ଆତ୍ମାଙ୍କ ବୃଷ୍ଟିପାତ ହେବ । ଈଶ୍ୱର ସେଠାରେ ତାହାଙ୍କ ଆଶୀର୍ବାଦ ଆଜ୍ଞା କରନ୍ତି ।

**ଗୀତସଂହିତା 133:1-3**

**1 ଦେଖ, ଭାଇମାନେ ମିଳନରେ ଏକତ୍ର ବାସ କରିବା କିପରି ଉତ୍ତମ ଓ ମନୋହର!**

**2 ତାହା ମସ୍ତକରେ ବହୁମୂଲ୍ୟ ତୈଳସ୍ୱରୂପ, ଯାହା ଦାଢ଼ିରେ, ଅର୍ଥାତ୍, ହାରୋଣଙ୍କର ଦାଢ଼ିରେ ବହି ତାଙ୍କ ବସ୍ତ୍ରାଞ୍ଚଳରେ ପଡ଼ିଲା ।**

**3 ତାହା ହର୍ମୋଣର ଶିଶିର ତୁଲ୍ୟ, ଯାହା ସିୟୋନର ପର୍ବତଗଣ ଉପରେ କ୍ଷରି ପଡ଼େ । କାରଣ ସଦାପ୍ରଭୁ ସେଠାରେ ଆଶୀର୍ବାଦ, ହଁ, ଅନନ୍ତ ଜୀବନ ଆଜ୍ଞା କଲେ ।**

ଏହାର ଅର୍ଥ, ବୃଷ୍ଟିପାତ ମଧ୍ୟକୁ ପ୍ରବେଶ କରିବା ନିମନ୍ତେ ପ୍ରସ୍ତୁତିର ଧାରାସ୍ୱରୂପେ ଆପଣ ଏବଂ ମୁଁ ଆତ୍ମାର ଐକ୍ୟ ବଜାୟ ରଖିବାକୁ ଉଦ୍ୟମ କରିଚାଲିବା ଆବଶ୍ୟକ, ବା ଆମ ସମ୍ମୁଖରେ ଏହି ସାମୂହିକ ଉଦ୍ଦେଶ୍ୟ ରହିବା ଜରୁରୀ ଅଟେ ଯେ—ଆମେ ପ୍ରଭୁଙ୍କ ପାଇଁ କ୍ଷୁଧିତ ଅଟୁ ଓ ତାହାଙ୍କଠାରୁ ଅଧିକ ଚାହୁଁ । ଯେତେବେଳେ ଈଶ୍ୱରଙ୍କ ଲୋକମାନେ ସେମାନଙ୍କ ନାମ, ସମ୍ପ୍ରଦାୟ, ଧର୍ମଶାସ୍ତ୍ରରେ ଥିବା ଭିନ୍ନତାକୁ ଭୁଲି ଏକମନା ହୋଇ ଏକତ୍ରିତ ହେବେ—ଛୋଟ ଛୋଟ କଳହକୁ ପଛରେ ଛାଡ଼ି କେବଳ ଈଶ୍ୱରଙ୍କୁ ଅନ୍ୱେଷଣ କରିବାର ଏକାନ୍ତ ଉଦ୍ଦେଶ୍ୟ ରଖିବେ-ତେବେ ତାହାଙ୍କ ଆତ୍ମାଙ୍କର ଉପସ୍ଥିତି ଓ ପରାକ୍ରମର ଶକ୍ତିଯୁକ୍ତ ବୃଷ୍ଟିପାତ ହେବ । ମସ୍ତକରୁ ତଳିପା ପର୍ଯ୍ୟନ୍ତ, ସର୍ବଶ୍ରେଷ୍ଠ ଠାରୁ ନଗଣ୍ୟ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଅଭିଷେକ, ସତେଜତା, ଜୀବନ ଓ ଆଶୀର୍ବାଦ ଢ଼ଳାଯିବ ।

## *ପ୍ରାର୍ଥନା ଓ ବିନତୀ*

ଦ୍ୱିତୀୟ ବିଷୟଟି ହେଲା, ଯିରୁଶାଲମରେ ଏକତ୍ରିତ ହୋଇଥିବା ମଣ୍ଡଳୀ ଏକାଗ୍ର ଭାବେ ପ୍ରାର୍ଥନା ଓ ନିବେଦନରେ ନିବିଷ୍ଟ ଥିଲେ । ସେମାନେ ପ୍ରାର୍ଥନା, ବିନତି ଓ ନିବେଦନରେ ଲାଗିରହିଲେ । ସେମାନେ ଏକ ଚିତ୍ତରେ ସମବେତ ହୋଇଥିଲେ ଏବଂ ପ୍ରାର୍ଥନା ଓ ବିନତି ଉତ୍ସର୍ଗ କରୁଥିଲେ—ଯାହା ପବିତ୍ର ଆତ୍ମାଙ୍କ ବୃଷ୍ଟିନିମନ୍ତେ ଏକ ପୂର୍ବ-ପ୍ରସ୍ତୁତି ଥିଲା ।

ଆମେ ପ୍ରତ୍ୟେକ ରବିବାର ଦୁଇ ଘଣ୍ଟା ପାଇଁ ମଣ୍ଡଳୀରେ ଯୋଗଦେଉ, ବସି ବସି ଚମତ୍କାର ବାକ୍ୟସବୁ ଶୁଣୁ ଏବଂ ମନରେ ଉତ୍ତମ ବୋଧ କରୁ, ଈଶ୍ୱର ବିଷୟକ ଜ୍ଞାନରେ ବୃଦ୍ଧିପାଉ, କିନ୍ତୁ ଯେଉଁ ଈଶ୍ୱରଙ୍କ ବିଷୟରେ ଆମେ ଜାଣିବାକୁ ଚେଷ୍ଟା କରୁ ବାସ୍ତବରେ ତାହାଙ୍କୁ ଅନୁଭବ କରିପାରୁନା । ଏହିପରି ଆଗାମୀ ପଚାଶ ବର୍ଷ ମଣ୍ଡଳୀରେ ଯୋଗ ଦେବା ପାଇଁ ସମୟ ବ୍ୟୟ କଲେ ମଧ୍ୟ ତାହାର କିଛି ମୂଲ୍ୟ ନାହିଁ । ଈଶ୍ୱରଙ୍କ ଜ୍ଞାନରେ ବଢ଼ିବା ଏବଂ ତାହାଙ୍କୁ ଅନୁଭବ କରିବା ଦୁଇଟି ଭିନ୍ନ ବିଷୟ ଅଟେ । ଖ୍ରୀଷ୍ଟଧର୍ମ କେବଳ ଜ୍ଞାନ ଉପରେ ପର୍ଯ୍ୟବସିତ ନୁହେଁ, ଏହା ଈଶ୍ୱରଙ୍କ ସହିତ ଏକ ଅନୁଭୂତି ଅଟେ । ଆମେମାନେ କେବଳ ମଣ୍ଡଳୀରେ ଯୋଗ ଦେବା ବିଷୟରେ କ୍ଳାନ୍ତ ହେବା ଉଚିତ, କିନ୍ତୁ ଈଶ୍ୱରଙ୍କଠାରୁ ପାଇବାପାଇଁ ଗଭୀର ଇଚ୍ଛା ପୋଷଣ କରିବା ଉଚିତ୍ ।

ତେଣୁ ମାଣ୍ଡଳିକ ଭାବେ ଆମର ଏହି ପ୍ରତିକ୍ରିୟା ହେବା ଉଚିତ, "ହେ ଈଶ୍ୱର, ଆମର ସାମୂହିକ ଉଦ୍ଦେଶ୍ୟ ହେଉଛି: ଆମେ ଅଧିକତର ତୁମଠାରୁ ଚାହୁଁ ଏବଂ ଆମେ ସମ୍ପୂର୍ଣ୍ଣ ଭାବେ ସମସ୍ତେ ମିଳି ଏହା ହିଁ ଚାହୁଁ!" ତଥାପି, ସ୍ୱାର୍ଥପର ଉଦ୍ଦେଶ୍ୟ , ସନ୍ଦେହ ଓ ପ୍ରତିଯୋଗିତା ବିରୁଦ୍ଧରେ ଆମକୁ ସଜାଗ ରହିବାକୁ ହେବ । କାରଣ, ଯଦି ସ୍ୱାର୍ଥପର ଉଦ୍ଦେଶ୍ୟ ଅଛି, ତେବେ ତାହା ସନ୍ଦେହ ଜାତ କରିବ, ଏବଂ ସନ୍ଦେହ ଦ୍ୱାରା ପ୍ରତିଯୋଗିତା ସୃଷ୍ଟି ହେବ, ପୁଣି ପ୍ରତିଯୋଗିତାରୁ ବୃହତ୍ ଦଳଭେଦ ସୃଷ୍ଟି ହେବ । ଯେହେତୁ ଆମେସବୁ ଏକତାବଦ୍ଧ ହୋଇଛୁ, ନିବିଷ୍ଟଚିତ୍ତ ହୋଇ ରହିଛୁ, ଆମେ ଆମର ଏହିସବୁ ଭାବପ୍ରବଣତାକୁ ସ୍ଥାନ ଦେବା ଉଚିତ ନୁହେଁ, ଏବଂ ଏଗୁଡ଼ିକ ଅନୁପ୍ରବେଶ କରିବାରୁ ରୋକିବା ଜରୁରୀ ଅଟେ । ଆମର ଏକମାତ୍ର ଲକ୍ଷ୍ୟ ଅଟେ—**ଆମେ ଅଧିକତର ଈଶ୍ୱରଙ୍କୁ ଚାହୁଁ!**

## "ଏହା" ହିଁ "ତାହା"

**ଅଟେ ପ୍ରେରିତ 2:1-4**

**[1] ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ, ସମସ୍ତେ ଏକସ୍ଥାନରେ ସମବେତ ଥିଲେ ।**

**[2] ଆଉ, ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ୍ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହର ସର୍ବତ୍ର ବ୍ୟାପିଗଲା,**

**[3] ଆଉ ଅଗ୍ନିସଦୃଶ ଜିହ୍ୱାଗୁଡ଼ିକ ସେମାନଙ୍କ ଦୃଷ୍ଟିଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା ।**

**[4] ସେଥିରେ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି, ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।**

*"ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ, ସେମାନେ ସମସ୍ତେ ଏକ ଚିତ୍ତରେ ଏକ ସ୍ଥାନରେ ସମବେତ ହୋଇଥିଲେ । ପୁଣି ଅକସ୍ମାତ୍...."* (ପ୍ରେରିତ 2:1,2କ) । ଆମେ ଏଠାରେ ଲକ୍ଷ୍ୟ କରୁ ଯେ ସେମାନେ ଏକ ଉଦ୍ଦେଶ୍ୟରେ ଏକତା ସହିତ ରହିଥିଲେ । ସେମାନେ ଏକ ଚିତ୍ତରେ, ଏକ ସ୍ଥାନରେ ଥିଲେ, ଆଉ ଅକସ୍ମାତ୍ ସ୍ୱର୍ଗ ଉନ୍ମୁକ୍ତ ହେଲା ଏବଂ ଈଶ୍ୱର ସେମାନଙ୍କ ଉପରେ ଅଗ୍ନି ବୃଷ୍ଟି କଲେ । ଅତଏବ ତାହା ଏହା ଥିଲା— ବୃଷ୍ଟିପାତ ଆରମ୍ଭ ହେଲା । ଯାହା ହେବ ବୋଲି ଯୀଶୁ ପ୍ରତିଜ୍ଞା କରିଥିଲେ, ତାହାର ଆରମ୍ଭ ହେଲା ।

ପେଣ୍ଟିକଷ୍ଟ ପର୍ବ ପାଳନ କରିବା ପାଇଁ ହଜାର ହଜାର ଯିହୁଦୀମାନେ ଯିରୁଶାଲମରେ ଏକତ୍ରିତ ହୋଇଥିଲେ । ଐତିହାସିକମାନେ କହନ୍ତି ବହୁ ସଂଖ୍ୟାରେ ଅଗଣିତ ଯିହୁଦୀମାନେ ସେଠାରେ ଥିଲେ । ଏହାପରେ ଯେଉଁ 120 ଜଣ ଶିଷ୍ୟ କୋଠରୀରେ ସମବେତ ହୋଇଥିଲେ ସେମାନଙ୍କ ମଧ୍ୟରେ କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ଆଉ ସେହି ଖବର ଶୀଘ୍ର ବ୍ୟାପିଗଲା । ଅତି ଶୀଘ୍ର ଏକ ବୃହତ୍ ଜନତା ଆସି ସେହି ସ୍ଥାନରେ ଉପସ୍ଥିତ ହେଲେ ଏବଂ ସେମାନଙ୍କୁ ଅନ୍ୟାନ୍ୟ ଭାଷାରେ ପ୍ରାର୍ଥନା କରିବା ଓ ଈଶ୍ୱରଙ୍କ ପ୍ରଶଂସା କରିବାର ଶୁଣିଲେ ଓ ଦେଖିଲେ । ତପୃରେ ପିତର ଅନୁଭବ କଲେ ଯେ ସମବେତ ଜନତାଙ୍କୁ ସେ କିଛି ବୁଝାଇବାକୁ ପଡ଼ିବ, ତେଣୁ ସେ ଉଠି ଠିଆହେଲେ ଏବଂ କହିବାକୁ ଲାଗିଲେ—*"କିନ୍ତୁ ଯୋୟେଲ୍ ଭାବବାଦୀଙ୍କ ଦ୍ୱାରା ଏହା କୁହାଯାଇଥିଲା....."* (ପ୍ରେରିତ 2:16) । "ଏହା" ହିଁ "ତାହା" ଅଟେ ପିତର ଏହା

କହି ପବିତ୍ର ଆତ୍ମାଙ୍କ ପ୍ରେରଣାରେ ସେମାନଙ୍କୁ ବ୍ୟାଖ୍ୟା କରି କହିଲେ ଯେ ସେହି ଦିନ ଯିରୁଶାଲମରେ ଯାହାସବୁ ଘଟିଲା ତଦ୍ଦ୍ୱାରା ପୁରାତନ ନିୟମର ଯୋୟେଲଙ୍କ ଭାବବାଣୀ ସଫଳ ହେଲା ।

**ଯୋୟେଲ 2:28,29**
**28 ପୁଣି, ତହିଁ ଉତ୍ତାରେ ଆମ୍ଭେ ସମୁଦାୟ ପ୍ରାଣୀ ଉପରେ ଆପଣା ଆତ୍ମା ଢ଼ାଳିବା; ତହିଁରେ ତୁମ୍ଭମାନଙ୍କର ପୁତ୍ରଗଣ ଓ କନ୍ୟାଗଣ ଭବିଷ୍ୟତ ବାକ୍ୟ ପ୍ରଚାର କରିବେ, ତୁମ୍ଭମାନଙ୍କର ବୃଦ୍ଧ ଲୋକମାନେ ସ୍ୱପ୍ନ ଦେଖିବେ, ତୁମ୍ଭମାନଙ୍କର ଯୁବାଲୋକମାନେ ଦର୍ଶନ ପାଇବେ;**
**29 ଆଉ, ସେହି ସମୟରେ ମଧ୍ୟ ଆମ୍ଭେ ଦାସଦାସୀଗଣର ଉପରେ ଆପଣାର ଆତ୍ମା ଢ଼ାଳିବା ।**

ବର୍ତ୍ତମାନ ପିତର ପ୍ରକୃତରେ କଣ କହିଲେ? ସେ କହିଲେ, "ଏହା ତାହା ହିଁ ଅଟେ!" କିନ୍ତୁ ଆମେ ଯଦି ସେହି ପଦରେ ଦେଖିବା, ତେବେ ଆମେ ବୁଝିପାରିବା ଯେ 'ଏହା' 'ତାହା' ନ ଥିଲା । କାହିଁକି? କାରଣ ଯୋୟେଲ୍ କହିଥିଲେ, *"ତୁମ୍ଭର ପୁତ୍ର ଓ କନ୍ୟା ମାନେ ଭାବବାଣୀ କହିବେ, ତୁମ୍ଭର ବୃଦ୍ଧମାନେ ସ୍ୱପ୍ନ ଦେଖିବେ, ତୁମ୍ଭର ଯୁବାମାନେ ଦର୍ଶନ ପ୍ରାପ୍ତ ହେବେ"* (ଯୋୟେଲ 2:28) । କିନ୍ତୁ ଏହି 120 ଜଣ କଣ କରୁଥିଲେ? ସେଠାରେ ଦର୍ଶନ ନ ଥିଲା, ସ୍ୱପ୍ନ କି ଭବିଷ୍ୟତବାଣୀ ସେମାନଙ୍କ ମଧ୍ୟରେ ନ ଥିଲା । ଅପରପକ୍ଷେ, ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ବାୟୁର ଶବ୍ଦ, ଅଗ୍ନିମୟ ଜିହ୍ୱା ଏବଂ ବିଭିନ୍ନ ଭାଷାରେ ଲୋକେ କଥା କହୁଥିବା ଘଟଣା ଘଟିଥିଲା (ପ୍ରେରିତ 2:16) । ଅତଏବ୍, "ଏହା" ପ୍ରକୃତରେ "ତାହା" ନ ଥିଲା । ଯେତେବେଳେ ମୁଁ ହେର୍ମେନୁ୍ୟଟିକ୍ସ—ଅର୍ଥାତ୍ ଧର୍ମଶାସ୍ତ୍ରକୁ ସଠିକ୍ ଭାବରେ କିପରି ବ୍ୟାଖ୍ୟା କରିବାକୁ ହୁଏ ତାହା ଶିକ୍ଷା ଦିଏ—ମୋର ଛାତ୍ରମାନଙ୍କୁ ଅତି ସାବଧାନତାର ସହ ଗ୍ରୀକ୍, ସେହି ସମୟର ଇତିହାସ ଓ ସଂସ୍କୃତି ଇତ୍ୟାଦି ପଢ଼ିବାକୁ କୁହେ । ଅତଏବ ମୋର ସ୍ୱାଭାବିକ ଜ୍ଞାନରେ ଯଦି ମୁଁ ସେଦିନର ଘଟଣାକୁ ତର୍ଜମା କରେ, ତେବେ ମୋର ସିଦ୍ଧାନ୍ତ ହେବ ଯେ, "ଏହା ତାହା ନୁହେଁ" । ଯୋୟେଲ୍ *"ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ"* (ପ୍ରେରିତ 2:2) ବିଷୟରେ କହିନାହାନ୍ତି । ଯୋୟେଲ୍ ମଧ୍ୟ *"ଅଗ୍ନିର ଜିହ୍ୱା"* ବିଷୟରେ କିମ୍ବା *"ଅନ୍ୟଭାଷାରେ କଥା କହିବା"* ବିଷୟରେ ଭାବବାଣୀ କହି ନ ଥିଲେ (ପ୍ରେରିତ 2:3,4)। ପେଣ୍ଟିକଷ୍ଟ ଦିନରେ ଯେଉଁସବୁ ଚିହ୍ନ ଦେଖାଗଲା ସେସବୁ ଯୋୟେଲଙ୍କ ଭାବବାଣୀରେ ନ ଥିଲା । କିନ୍ତୁ ପିତରଙ୍କ ମଧ୍ୟଦେଇ ପବିତ୍ରଆତ୍ମା କହୁଛନ୍ତି "ଏହା ହିଁ ତାହା ଅଟେ" । ମୋର ଜ୍ଞାନଯୁକ୍ତ ତର୍ଜମାର ନିର୍ଣ୍ଣୟ ଏଠାରେ ବିଫଳ ହେଲା!

ଏଠାରେ ଆମକୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେବାକୁ ହେବ.

## *ଈଶ୍ୱର ତାହାଙ୍କ ବାକ୍ୟ ଠାରୁ ମହାନ୍*

ପ୍ରଥମରେ, ପରମେଶ୍ୱର ତାହାଙ୍କ ବାକ୍ୟ—'ବାଇବଲ'ଠାରୁ ମହାନ୍ ଅଟନ୍ତି । ପ୍ରାୟତଃ ଆମେ ଈଶ୍ୱରଙ୍କୁ ତାହାଙ୍କ ବାକ୍ୟ ଭିତରେ ସୀମିତ ରଖିବାକୁ ଚେଷ୍ଟା କରିଥାଉ । ଈଶ୍ୱର ଯେଉଁ ପୁସ୍ତକ ଲେଖିଲେ ତାହାଠାରୁ ସେ ମହାନ ଅଟନ୍ତି । ଏକ ଅସୀମ ପରମେଶ୍ୱର, ଯେଉଁ ପୁସ୍ତକ ସେ ଲେଖିଲେ ତାହା କେବଳ ତାହାଙ୍କ ସମ୍ବନ୍ଧରେ କିଛିକାଂଶରେ ବର୍ଣ୍ଣନା କରିଛି । ମୁଁ ଯେଭଳି ବିଶ୍ୱାସ କରେ ଯେ ବାଇବଲ ଏକ ଚୂଡ଼ାନ୍ତ ପୁସ୍ତକ ଅଟେ, ଏହା ଈଶ୍ୱର ନିଶ୍ୱସିତ ଏବଂ ଆମର ଏହି ଇହଜଗତର ଜୀବନ ନିମନ୍ତେ ଚୁଡାନ୍ତ ଅଧିକାରସମ୍ପନ୍ନ ଅଟେ । ମୁଁ ଜାଣେ ଯେ ବାଇବଲ ଆମର ଅସୀମ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣଭାବେ ବର୍ଣ୍ଣର୍ନା କରେ ନାହିଁ । ପରମେଶ୍ୱର କେବେ ତାହାଙ୍କ ବାକ୍ୟର ବ୍ୟତିକ୍ରମ କରିବେ ନାହିଁ । ସେ ଯାହା ପ୍ରକାଶ କରିଛନ୍ତି ସର୍ବଦା ତାହାର ସତ୍ୟତାକୁ ଧରି ରଖିବେ । କିନ୍ତୁ ଏହି ଲିଖିତ ବାକ୍ୟଠାରୁ ସେ ଅସୀମରୂପେ ମହାନ୍ ଅଟନ୍ତି ।

ଅନେକ ସମୟରେ ଆମେ ଯେତେବେଳେ ବାକ୍ୟ ତର୍ଜମା କରୁ, "ଏହା ହିଁ"— "ତାହା" ହୋଇ ନ ପାରେ କିନ୍ତୁ ଈଶ୍ୱର କହନ୍ତି, "ଏହା" ହିଁ "ତାହା" ଅଟେ । କାରଣ ଯୋୟେଲ୍ ଯେତେବେଳେ ଆତ୍ମାଙ୍କ କାର୍ଯ୍ୟ ବିଷୟରେ କହିଲେ, ସେ ଆତ୍ମାଙ୍କ ସମସ୍ତ କାର୍ଯ୍ୟର ବିସ୍ତୃତ ବିବରଣୀ ଦେଲେ ନାହିଁ, ସେ କେବଳ ଏକ ପ୍ରତିନିଧିରୂପ ତାଲିକା ଦେଲେ ଯଥା—ଦର୍ଶନ, ସ୍ୱପ୍ନ ଏବଂ ଭାବବାଣୀ । ଏବଂ ପେଣ୍ଟିକଷ୍ଟ ଦିନରେ ଯେଉଁ ଘଟଣା ଘଟିଲା ତାହା ମଧ୍ୟ ଆତ୍ମାଙ୍କ କାର୍ଯ୍ୟ ଅଟେ, ଅନ୍ୟ କିଛି କାର୍ଯ୍ୟ, ଯଥା—ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ଶବ୍ଦ, ଅଗ୍ନିର ଜିହ୍ୱା, ଓ ଅନ୍ୟାନ୍ୟ ଭାଷାରେ କଥା କହିବା ମଧ୍ୟ ଆତ୍ମାଙ୍କର ହିଁ କାର୍ଯ୍ୟ ଅଟେ । ଅତଏବ, "ଏହା" ହିଁ "ତାହା" ଅଟେ । ଆମେନ୍ ।

ଉଦ୍ଦୀପନା ସମୟରେ ଆମକୁ ଜ୍ଞାନ ଓ ପ୍ରତ୍ୟାଦେଶର ସହିତ ଚାଲିବାକୁ ହେବ । ଆମେ ଉଭୟକୁ ଆବଶ୍ୟକ କରୁ । ଅନେକ ସମୟରେ ଆମେ କେବଳ ଜ୍ଞାନର ସହିତ ଚାଲୁ, କିନ୍ତୁ ପ୍ରତ୍ୟାଦେଶର ସହିତ ନୁହେଁ । ଆମେ ଶାସ୍ତ୍ରର ସବୁ ଇତିହାସ ଜାଣୁ— ହିବ୍ରୁ, ଗ୍ରୀକ୍, ଆଉ ସବୁକିଛିର । ଆମେ ପ୍ରାୟ ଜାଣୁ "କେଉଁଟି ଠିକ୍", କିନ୍ତୁ ଈଶ୍ୱରଙ୍କର "ବର୍ତ୍ତମାନ ସମୟର ବିଷୟ କଣ" ତାହାର ପ୍ରତ୍ୟାଦେଶ ଆମେ ଲାଭ କରି ନ ଥାଉ । ତେଣୁ, ଆମ ପାଖରେ "ସଠିକ୍ ବିଷୟ" ଅଛି ଯାହା ଦ୍ରାକ୍ଷାରସର କୁମ୍ପାସ୍ୱରୂପ ଅଟେ,

କିନ୍ତୁ "ବର୍ତ୍ତମାନର ବିଷୟ" ନୂଆ ଦ୍ରାକ୍ଷାରସ ସଦୃଶ । ଆମ ଦ୍ରାକ୍ଷାରସର କୁମ୍ପାରେ ଯଦି ନୂତନ ଦ୍ରାକ୍ଷାରସ ରହି ପାରିବ ନାହିଁ, ଆମେ ନୂତନ ଦ୍ରାକ୍ଷାରସ ଗ୍ରହଣ କରିପାରିବା ନାହିଁ । ତେଣୁ ଈଶ୍ୱର "ବର୍ତ୍ତମାନ" କଣ କରୁଛନ୍ତି ତାହା ବୁଝିବା ପାଇଁ ଏବଂ ତାକୁ ସ୍ୱାଗତ କରି ସେଥିରେ ଚାଲିବା ପାଇଁ ଆମେ ଉଭୟ ଜ୍ଞାନ ଓ ପ୍ରତ୍ୟାଦେଶ ଆବଶ୍ୟକ କରୁ । ଏହି "ବର୍ତ୍ତମାନ" ଶବ୍ଦଟି ନିଶ୍ଚିତରୂପେ ଲିଖିତ ବାକ୍ୟକୁ କେବେ ଖଣ୍ଡନ କରିବ ନାହିଁ, କିନ୍ତୁ ପରମେଶ୍ୱର କ'ଣ କରୁଛନ୍ତି ତାହା ବୁଝିବା ପାଇଁ ଆମକୁ "ବର୍ତ୍ତମାନ" ଶବ୍ଦ ଆବଶ୍ୟକ ଅଟେ ।

## *ଉଦ୍ଦୀପନା କିମ୍ବା ଆତ୍ମାଙ୍କ ବୃଷ୍ଟି ସମାନ ନୁହେଁ*

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ଆମେ ଦେଖିବା ଉଚିତ (ଯାହା ପିତରଙ୍କ ଉକ୍ତି "ଏହା ହିଁ ତାହା ଅଟେ" ଉପରେ ଆଧାରିତ) । ଯେକୌଣସି ଦୁଇଟି ଉଦ୍ଦୀପନା ବା ଆତ୍ମାଙ୍କ ବୃଷ୍ଟି ଏକ ଧରଣର ନୁହେଁ । ସେହି ଦୁଇଟି ଘଟଣା ମଧ୍ୟରେ ସାମଞ୍ଜସ୍ୟ ଥାଇପାରେ କିନ୍ତୁ ଏକ ଧରଣର ହେବ ନାହିଁ । ଯୋୟେଲ ଆତ୍ମାଙ୍କ ଏକ ବୃଷ୍ଟିପାତ ବିଷୟରେ ବର୍ଣ୍ଣନା କଲେ । ପେଣ୍ଟିକଷ୍ଟ ଦିନରେ ଯାହା ଘଟିଥିଲା ତାହା ଆତ୍ମାଙ୍କ ବାସ୍ତବ ବୃଷ୍ଟିପାତ ଥିଲା । ପରମେଶ୍ୱର କହିପାରନ୍ତି, "ଏହା ଏକ ବୃଷ୍ଟିପାତ; ଏହା ଏକ ପରିଦର୍ଶନ" । କିନ୍ତୁ ଆମେ କହିପାରୁ, *"ଏହା"* ଅବିକଳ *"ତାହା"* ପରି ମନେ ହେଉ ନାହିଁ । ଆମେ ଉଦ୍ଦୀପନାସବୁର ଇତିହାସ ଅଧ୍ୟୟନ କରିପାରିବା, ସେଥିରୁ ଶିକ୍ଷା ଗ୍ରହଣ କରିପାରିବା, ଏବଂ ଉଦ୍ଦୀପନାର ନମୁନା ସଂଗ୍ରହ କରିପାରିବା । କିନ୍ତୁ ଆମେ ଈଶ୍ୱରଙ୍କୁ ଏକ ପେଡ଼ିରେ ଆବଦ୍ଧ କରି ରଖି ଏହା କହିପାରିବା ନାହିଁ ଯେ ଉଦ୍ଦୀପନା ଠିକ୍ ସେହି ଭାବରେ ବା ସେହି କ୍ରମରେ ହେବା ଉଚିତ ଯାହା ଅନ୍ୟ କୌଣସି ସ୍ଥାନରେ ହୋଇଥିଲା । ଆମେ ଈଶ୍ୱରଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ଖୋଲା ରହିବା ଉଚିତ ଯେତେବେଳେ ଆମେ ତାହାଙ୍କ ଆତ୍ମାଙ୍କ ବୃଷ୍ଟି ଭିତରକୁ ଅଗ୍ରସର ହେଉଛୁ । ଆମେ ବୁଝିବା ଆବଶ୍ୟକ ଯେ ବର୍ତ୍ତମାନ ଆମ ମଧ୍ୟରେ ଈଶ୍ୱର କଣ କରିବାକୁ ଯାଉଛନ୍ତି । ଆମେ ନିଜକୁ ଏହିପରି ପ୍ରଶ୍ନ ପଚାରିବା ଆବଶ୍ୟକ, "ଏକ ମଣ୍ଡଳୀ ଭାବରେ ପରମେଶ୍ୱର ଆମକୁ କେଉଁ ଦିଗରେ ନେବାକୁ ଚାହାନ୍ତି? ଏହି ସହର ପାଇଁ ଈଶ୍ୱରଙ୍କ ଇଚ୍ଛା କ'ଣ ଅଟେ?" ଆମ ସହରର ଉଦ୍ଦୀପନା, ଏବଂ ଅନ୍ୟ ଏକ ସହରରେ ଈଶ୍ୱରଙ୍କ ସଂଘଠିତ କରିଥିବା ଉଦ୍ଦୀପନାର ଅବିକଳ ପ୍ରତିଫଳନ ନୁହେଁ । ଏହା ସମ୍ପୂର୍ଣ୍ଣ ନୂତନ ହେବ, ତଥାପି ଏହା ଏକ ବାସ୍ତବ ଉଦ୍ଦୀପନା, ଈଶ୍ୱରଙ୍କ ପରିଦର୍ଶନ ଓ ସ୍ୱର୍ଗରୁ ଆତ୍ମାଙ୍କ ଭାରି ବୃଷ୍ଟିପାତ ହେବ!

ପ୍ରେରିତ 2 ପର୍ବର ବିବରଣୀରୁ ଆମେ ଦେଖୁ ଯେ, ଏହି ଆତ୍ମାଙ୍କ ବୃଷ୍ଟିପାତରୁ ମଣ୍ଡଳୀର ଜନ୍ମ ହେଲା । ପ୍ରକୃତରେ, ଏହା ପ୍ରଥମ ସ୍ଥାନୀୟ ମଣ୍ଡଳୀ ଥିଲା ।

**ପ୍ରେରିତ 2:41**
**ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ, ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।**

ରାତାରାତି, 3000 ସଭ୍ୟ ବିଶିଷ୍ଟ ଏକ ମଣ୍ଡଳୀ ପ୍ରକାଶ ଲାଭ କଲା । ଅନେକ ଥର, ମୁଁ ଏହା କଳ୍ପନା କରିବାକୁ ଚେଷ୍ଟା କରିଛି ଯେ, ଏହା କେମିତି ହୋଇଥିବ ଏବଂ ସେହି ସମୟରେ ପ୍ରେରିତମାନଙ୍କ ଅନୁଭବ କି ପ୍ରକାର ହୋଇଥିବ । ସେମାନେ କୌଣସି ଧର୍ମପ୍ରଶିକ୍ଷଣାଳୟରେ ଶିକ୍ଷିତ ହୋଇ ନ ଥିଲେ, "ମଣ୍ଡଳୀ ପରିଚାଳନା" କିମ୍ବା "ମଣ୍ଡଳୀ ଅଭିବୃଦ୍ଧି ନୀତି" ବିଷୟରେ କିଛି ଶିକ୍ଷା ପାଇ ନ ଥିଲେ, କିଛି ହିଁ ନୁହେଁ, ତଥାପି ରାତାରାତି 3000 ଲୋକ ମଣ୍ଡଳୀରେ ସଂଯୁକ୍ତ ହେଲେ । ସେମାନଙ୍କର କୌଣସି ଯୋଜନା ନ ଥିଲା, କୌଶଳ ନ ଥିଲା, କିଛି ପୂର୍ବ ନିର୍ଦ୍ଦେଶ ନ ଥିଲା, କୌଣସି ଅନୁକରଣୀୟ ଆଦର୍ଶ ନ ଥିଲା, ଜି-12 ଦଳ ନ ଥିଲା—କିଛି ବି ନ ଥିଲା—କିନ୍ତୁ ଏକ ମଣ୍ଡଳୀ ମାତ୍ର ଗୋଟିଏ ମୁହୂର୍ତ୍ତରେ ଜନ୍ମ ନେଲା ।

ଶିକ୍ଷାଲାଭ କରିବା କିମ୍ବା ଯୋଜନା କି କୌଶଳ ପ୍ରୟୋଗ କରିବାର ଗୁରୁତ୍ୱକୁ ମୁଁ ଗୌଣ କରି କହୁନାହିଁ । କିନ୍ତୁ ଆମ ହୃଦୟକୁ କ'ଣ ଆକର୍ଷଣ କରିବା ଉଚିତ ତାହା ଚେଷ୍ଟା କରିବା ବିଷୟରେ କହୁଛି—"ଯଦି ପରମେଶ୍ୱର ଅନପେକ୍ଷିତ ଭାବେ କିଛି କରନ୍ତି, ତେବେ ଆସୁ ଆମେ ତାହା ସହିତ ଯିବା!" ଈଶ୍ୱର ଆମର ଯୋଜନା ଅନୁସାରେ କିମ୍ବା ଆମର ସୁନ୍ଦର କାର୍ଯ୍ୟ କୌଶଳ ମାଧ୍ୟମରେ ସବୁବେଳେ ଆସିବାକୁ ବାଧ୍ୟ ନୁହଁନ୍ତି । ଆମେ ଶିକ୍ଷିତ ଲୋକମାନେ ନିଜର ମସ୍ତିସ୍କ ବ୍ୟବହାର କରିବାରେ ଏତେଦୂର ଅଭ୍ୟସ୍ତ ଯେ, ଈଶ୍ୱର ଯାହା କରୁଛନ୍ତି ତାହା ବୁଝିବାକୁ ଆମ ଅଧିକାଂଶ ଲୋକଙ୍କ ମନରେ ସଂଘର୍ଷ ଆରମ୍ଭ ହୋଇଯାଏ । ଯଦି ପରମେଶ୍ୱର ଅନପେକ୍ଷିତ ଭାବେ କିଛି କରିବାକୁ ଯାଉଛନ୍ତି, ତେବେ, ଆସନ୍ତୁ ଆମେ ତାହା ସହିତ ଯିବା!

# 2
# ଏକ ଉଦ୍ଦୀପନାଯୁକ୍ତ ମଣ୍ଡଳୀ

ଯିରୁଶାଲମ ମଣ୍ଡଳୀ ଉଦ୍ଦୀପନା ମଧ୍ୟରେ ଜନ୍ମ ହେଲା । ତେଣୁ ଉଦ୍ଦୀପନାଯୁକ୍ତ ମଣ୍ଡଳୀର ସ୍ୱରୂପ କ'ଣ ତାହା ବୁଝିବାକୁ ଏହା ଏକ ବିଶେଷ ମୂଳରୂପ ଭାବେ ସାହାଯ୍ୟ କରିବ । ଯେତେବେଳେ ଆମେ ଏକ ସ୍ୱର୍ଗୀୟ ବୃଷ୍ଟିପାତ ଏବଂ ଉଦ୍ଦୀପନାର ଅନୁଭବ ପ୍ରାପ୍ତ ହେଉ ସେତେବେଳେ ଆମେ କ'ଣ ଆଶା କରିବା ଉଚିତ ସେହି ବିଷୟ ଆମେ ଉକ୍ତ ଘଟଣାରୁ ଶିକ୍ଷା କରିପାରିବା । ପ୍ରେରିତ ପୁସ୍ତକର ପ୍ରଥମ ଆଠ ଅଧ୍ୟାୟ ଯିରୁଶାଲମ ମଣ୍ଡଳୀର ପ୍ରଥମ 12 ବର୍ଷର ବିବରଣୀ ପ୍ରଦାନ କରେ ।

## ପ୍ରଭୁ ସେମାନଙ୍କ ମଧ୍ୟରେ ଯାହା ମୁକ୍ତ କରୁଥିଲେ ସେଥିରେ ପ୍ରତିଦିନ ଲାଗି ରହିଲେ

ପ୍ରେରିତ 2:42-47

**42 ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।**

**43 ଆଉ, ଲୋକସମସ୍ତେ ଭୀତ ହେବାକୁ ଲାଗିଲେ; ପ୍ରେରିତମାନଙ୍କ ଦ୍ୱାରା ମଧ୍ୟ ଅନେକ ଅଦ୍ଭୁତ କର୍ମ ଓ ଲକ୍ଷଣ ସାଧିତ ହେବାକୁ ଲାଗିଲା ।**

**44 ମାତ୍ର ଯେଉଁମାନେ ବିଶ୍ୱାସ କଲେ, ସେମାନେ ସମସ୍ତେ ଏକତ୍ର ରହି ସବୁ ପଦାର୍ଥ ସାଧାରଣ ସମ୍ପତ୍ତି ବୋଲି ଜ୍ଞାନ କରୁଥିଲେ,**

**45 ପୁଣି ସେମାନେ ଆପଣା ଆପଣା ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରୟ କରି, ଯାହାର ଯେପରି ପ୍ରୟୋଜନ, ସେହି ଅନୁସାରେ ସମସ୍ତଙ୍କୁ ବାଣ୍ଟି ଦେବାକୁ ଲାଗିଲେ ।**

**46 ଆଉ, ସେମାନେ ଏକଚିତ୍ତ ହୋଇ ପ୍ରତିଦିନ ମନ୍ଦିରରେ ସମବେତ ହୋଇ ରହୁଥିଲେ ଓ ଘରେ ଘରେ ରୋଟୀ ଭାଙ୍ଗି ଆନନ୍ଦରେ ଓ ସରଳ ହୃଦୟରେ ଭୋଜନପାନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିଲେ**

**47 ଏବଂ ସମସ୍ତ ଲୋକଙ୍କର ପ୍ରିୟପାତ୍ର ହେଉଥିଲେ । ପୁଣି, ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ ।**

ଆମେ ଲକ୍ଷ୍ୟ କରୁ ଯେ, ପ୍ରଭୁ ସେମାନଙ୍କ ମଧ୍ୟରେ ଯାହା ମୁକ୍ତ କରୁଥିଲେ ବିଶ୍ୱାସୀମାନେ ପ୍ରତିଦିନ ସେଥିରେ ଲାଗି ରହୁଥିଲେ ।

ପ୍ରେରିତ 2:42
**ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।**

ପ୍ରେରିତ 2:46
**ଆଉ, ସେମାନେ ଏକଚିତ୍ତ ହୋଇ ପ୍ରତିଦିନ ମନ୍ଦିରରେ ସମବେତ ହୋଇ ରହୁଥିଲେ ଓ ଘରେ ଘରେ ରୋଟୀ ଭାଙ୍ଗି ଆନନ୍ଦରେ ଓ ସରଳ ହୃଦୟରେ ଭୋଜନପାନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିଲେ**

ପ୍ରେରିତ 5:42
**ଆଉ, ସେମାନେ ପ୍ରତିଦିନ ମନ୍ଦିରରେ ଓ ଘରେ ଘରେ ଶିକ୍ଷା ଦେବାରୁ ଓ ଯୀଶୁ ଯେ ଖ୍ରୀଷ୍ଟ, ଏହି ସୁସମାଚାର ପ୍ରଚାର କରିବାରୁ କ୍ଷାନ୍ତ ହେଲେ ନାହିଁ ।**

ଏହି ଯେଉଁ ଲୋକମାନେ ଯିରୁଶାଲମକୁ ସ୍ୱଳ୍ପ ଦିନର ଗସ୍ତରେ ଆସିଥିଲେ, ହଠାତ୍ କିଛି ଗୋଟିଏ ବିଷୟରେ ସେମାନେ ସଂଯୁକ୍ତ ହୋଇଗଲେ ଯାହା ନିତିଦିନିଆ ବିଷୟ ହେବାକୁ ଲାଗିଲା । ଏହା ଆମେ ରବିବାର ଉପାସନାକୁ ଯିବା ପରି, ହୁଏତ କେବେ କେମିତି ମଣ୍ଡଳୀରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ଯୋଗ ଦେବା ପରି, ଏକ ନୀରବ ଜୀବନ ଯାପନ କରିବା ପରି ଯେଉଁଠି ଆମର ପରିକଳ୍ପିତ ସବୁ ବିଷୟ ମିଳିଯାଏ । କିନ୍ତୁ ଏକ ଉଦ୍ଦୀପନାରେ, ପ୍ରତିଦିନ କିଛି ନା କିଛି ଘଟେ! ଯିରୁଶାଲମର ମଣ୍ଡଳୀ ପ୍ରତିଦିନ ସେହି ବିଷୟରେ ଲାଗି ରହୁଥିଲେ ଯାହା ପରମେଶ୍ୱର ସେମାନଙ୍କ ମଧ୍ୟରେ କରୁଥିଲେ । ସପ୍ତାହ ମଧ୍ୟରେ ଘଟୁଥିବା ଗୋଟିଏ ଦିନରେ ନୁହେଁ—ପ୍ରତିଦିନ ସେମାନେ ସେଥିରେ ପ୍ରବାହିତ ହେଉଥିଲେ!

## କାର୍ଯ୍ୟସୂଚୀ ବୈପ୍ଳବିକ ଭାବେ ପ୍ରଭାବିତ

ଅତଏବ ଏହା ଭାବିବା ସ୍ୱାଭାବିକ ଯେ, ସେମାନଙ୍କ କାର୍ଯ୍ୟସୂଚୀ ବୈପ୍ଳବିକ ଭାବେ ପ୍ରଭାବିତ ହେଲା । ଉଦ୍ଦୀପନାରେ, ଆମର କାର୍ଯ୍ୟସୂଚୀ ପ୍ରଭାବିତ ହେବ । ଏହା ଅଳ୍ପ ବହୁତ "ଗୋଳମାଳିଆ" ମଧ୍ୟ ହୋଇପାରେ । ଯିରୁଶାଲମର ଲୋକମାନେ ହୁଏତ ସେମାନଙ୍କ ଗସ୍ତର ଆଗୁଆ ଯୋଜନା କରିଥିଲେ—ହୁଏତ ଦିନେ ସକାଳ ସମୟରେ ପେଣ୍ଟିକଷ୍ଟ ଉତ୍ସବରେ ଯୋଗ ଦେବାପାଇଁ ଯାଇଥିବେ ଏବଂ ପରଦିନ ଫେରିବାର ଯୋଜନା କରିଥିବେ—ଏବଂ ସମ୍ଭବତଃ ତାର ପରଦିନ କାର୍ଯ୍ୟକ୍ଷେତ୍ରରେ ଯୋଗଦେବାର ଯୋଜନା କରିଥିବେ ।

ଏହା ଲକ୍ଷ୍ୟ କରନ୍ତୁ—ସେମାନେ ଯିରୁଶାଲମକୁ ଆସିଲେ ଏବଂ ସେଠାରେ ଈଶ୍ୱରଙ୍କ ଆତ୍ମାଙ୍କର ଶକ୍ତିଯୁକ୍ତ ବୃଷ୍ଟି ହେଲା । ସେମାନଙ୍କ ଜୀବନ ପ୍ରଭାବିତ ହେଲା ଏବଂ 3000 ଲୋକମାନେ ପରିତ୍ରାଣ ପ୍ରାପ୍ତ ହେଲେ । ତା'ପରେ ସେମାନଙ୍କ କାର୍ଯ୍ୟସୂଚୀ ବୋଲି କିଛି ରହିଲା ନାହିଁ । ସକାଳେ ଆଉ ସନ୍ଧ୍ୟାରେ ଈଶ୍ୱରଙ୍କୁ ଅନ୍ୱେଷଣ ଓ ପ୍ରଶଂସା କରିବାକୁ କିଛି ଗୋଟିଏ ବିଷୟ ସେମାନଙ୍କୁ ମନ୍ଦିରକୁ ଟାଣି ନେଉଥିଲା । ଯେତେବେଳେ ଉଦ୍ଦୀପନା ଆରମ୍ଭ ହୁଏ, କାର୍ଯ୍ୟସୂଚୀ ବଦଳିଯିବ । ମୁଁ କହୁ ନାହିଁ ଯେ ଆମେ କାମ କରିବାକୁ ଯିବା ନାହିଁ । କିନ୍ତୁ ମୁଁ କହୁଛି ଏପରି ଘଟଣା ଘଟିବ ଯେ ଆପେ ଆପେ ଆମର କାର୍ଯ୍ୟସୂଚୀ ବଦଳିଯିବ । ଆମେ ଉଦ୍ଦୀପନା ମଧ୍ୟକୁ ଆସିବାବେଳେ ଏହା ଜାଣିବା ଆବଶ୍ୟକ ଯେ,ଆମେ ଏପରି ଏକ ସମୟ ଭିତରେ ଅଛୁ ଯେଉଁଠି ପରମେଶ୍ୱର ଆମ ମଧ୍ୟରେ ଗମନାଗମନ କରୁଛନ୍ତି । ପରମେଶ୍ୱର ଯାହା ମୁକ୍ତ କରିବାକୁ ଚାହାନ୍ତି ତାକୁ ପାଇବାକୁ ହେଲେ, ଆମେ ଆମର କାର୍ଯ୍ୟସୂଚୀକୁ ଅଦଳବଦଳ କରିବାକୁ ଇଚ୍ଛୁକ ରହିବା ଆବଶ୍ୟକ । ଆମେ ଅନେକେ ହୁଏତ ପ୍ରାର୍ଥନା କରୁଛୁ, "ହେ ଈଶ୍ୱର, ଆମେ ଉଦ୍ଦୀପନା ଚାହୁଁ, ଆତ୍ମାଙ୍କର ବୃଷ୍ଟି ପଠାଅ, ପ୍ରଭୁ । ଆମକୁ ପରିଦର୍ଶନ କର, ଈଶ୍ୱର!" କିନ୍ତୁ ଈଶ୍ୱର ଯଦି "ପ୍ରକାଶମାନ ହୁଅନ୍ତି" ଏବଂ ଆମର କାର୍ଯ୍ୟସୂଚୀକୁ ବଦଳାନ୍ତି, ଆମେ କ'ଣ କହିବା, "ଆମେ ଉଦ୍ଦୀପନା ଚାହୁଁ କିନ୍ତୁ ଆମର କାର୍ଯ୍ୟସୂଚୀକୁ ଛୁଅଁ ନାହିଁ କି ଆମ ଜୀବନରେ ହସ୍ତକ୍ଷେପ କର ନାହିଁ, ପ୍ରଭୁ!" ଅଥବା ଆମେ ପ୍ରକୃତରେ ପ୍ରସ୍ତୁତ ଅଛୁ କି ଆମର ପ୍ରାର୍ଥନାର ଉତ୍ତରସ୍ୱରୂପ ଈଶ୍ୱରଙ୍କ ଉଦ୍ଦୀପନା ପାଇବା ପାଇଁ?

## ସମ୍ପ୍ରଦାୟର ଭାବନା—ଏକତ୍ର ବାଣ୍ଟିବା

**ପ୍ରେରିତ 2:44,45**

**44 ମାତ୍ର ଯେଉଁମାନେ ବିଶ୍ୱାସ କଲେ, ସେମାନେ ସମସ୍ତେ ଏକତ୍ର ରହି ସବୁ ପଦାର୍ଥ ସାଧାରଣ ସମ୍ପତ୍ତି ବୋଲି ଜ୍ଞାନ କରୁଥିଲେ,**

**45 ପୁଣି ସେମାନେ ଆପଣା ଆପଣା ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରୟ କରି, ଯାହାର ଯେପରି ପ୍ରୟୋଜନ, ସେହି ଅନୁସାରେ ସମସ୍ତଙ୍କୁ ବାଣ୍ଟିଦେବାକୁ ଲାଗିଲେ ।**

ଯିରୁଶାଲମ ମଣ୍ଡଳୀ ଯେତେବେଳେ ଏହି ଆତ୍ମାଙ୍କ ବୃଷ୍ଟିପାତ ମଧ୍ୟରେ ଅଗ୍ରସର ହେଉଥିଲା, ଆମେ ଦେଖୁ ଯେ ସେମାନଙ୍କ ଭିତରେ ସମ୍ପ୍ରଦାୟର ଭାବନା ଥିଲା ଓ ଏକତ୍ର ବାଣ୍ଟିବାର ଏକ ଗଭୀର ମାନସିକତା ଥିଲା । ଅକସ୍ମାତ୍, ସେମାନେ ଏକତ୍ର ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନ କରିବାକୁ ଲାଗିଲେ ଏବଂ ସମ୍ଭବତଃ ପୂର୍ବରୁ ଜାଣି

ନ ଥିବା ଲୋକଙ୍କ ସହିତ ମିଶି ଏକାଠି ଯାତ୍ରା କରିବାକୁ ଲାଗିଲେ । ଏହି ଲୋକମାନଙ୍କ ଭିତରେ ସମ୍ପ୍ରଦାୟ ଭାବନା ପୂର୍ଣ୍ଣମାତ୍ରାରେ ସ୍ଥାନ ଅଧିକାର କଲା । ବାଇବଲ କୁହେ, ସେମାନେ ସବୁ ପଦାର୍ଥ ସାଧାରଣ ସମ୍ପତି ବୋଲି ଜ୍ଞାନ କରୁଥିଲେ ଓ ଯାହାର ଯେପରି ପ୍ରୟୋଜନ, ସେହି ଅନୁସାରେ ସମସ୍ତଙ୍କୁ ବାଣ୍ଟି ଦେବାକୁ ଲାଗିଲେ । ଅତଏବ, ଉଦ୍ଦୀପନା କଣ କରେ? ପ୍ରକୃତରେ ଏହା ଆମମାନଙ୍କ ଜୀବନରେ ସମ୍ପ୍ରଦାୟ ଭାବନା ବା ମାନସିକତା ସୃଷ୍ଟି କରେ । ଆମ ଜୀବନ ଯାତ୍ରାରେ ଅନ୍ୟକୁ ବାଣ୍ଟିବାର ପ୍ରକ୍ରିୟା ଆରମ୍ଭ ହୁଏ ଏବଂ ଆମେ ସ୍ୱତଃସ୍ଫୁର୍ତ୍ତ ଭାବରେ ଦାନ କରୁ, ସାହାଯ୍ୟ କରୁ ଓ ଏକତ୍ର ରହିବାକୁ ପସନ୍ଦ କରୁ ।

## ମଣ୍ଡଳୀର ଦ୍ରୁତ ଅଭିବୃଦ୍ଧି

ଆମେ ମଧ୍ୟ ଯିରୂଶାଲମରେ ମଣ୍ଡଳୀର ଦ୍ରୁତ ଅଭିବୃଦ୍ଧି ଦେଖୁ, *"ପୁଣି, ପ୍ରଭୁ, ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ"* (ପ୍ରେରିତ 2:47ଖ) । ଆମେ ପ୍ରତିଦିନର ପ୍ରକୃତ ସଂଖ୍ୟା ଜାଣିନାହୁଁ, କିନ୍ତୁ ଏହା 100 କିମ୍ବା 200 ବା ମାତ୍ର 10 ହୋଇପାରେ, କିନ୍ତୁ ବାଇବଲରେ ଉଲ୍ଲେଖ ଅଛି ଯେ ପ୍ରତିଦିନ ଲୋକେ ସଂଯୁକ୍ତ ହେଉଥିଲେ । ପିତରଙ୍କ ପ୍ରଥମ ପ୍ରଚାର ପରେ ଏକ ଦିନରେ 3000 ଲୋକ ସଂଯୁକ୍ତ ହେଲେ (ପ୍ରେରିତ 2:41) । ତାହାପରେ ଜନ୍ମରୁ ଖଞ୍ଜ ଲୋକର ସୁସ୍ଥତା ପରେ ଆହୁରି 5000 ଲୋକ ମିଶିଲେ (ପ୍ରେରିତ 4:4) । ବାସ୍ତବରେ ମଣ୍ଡଳୀର ବିସ୍ଫୋରକ ଅଭିବୃଦ୍ଧି! ଆମ ସହରର ମଣ୍ଡଳୀମାନଙ୍କରେ ଏହିପରି ଆଶ୍ଚର୍ଯ୍ୟ ଘଟଣା ହେଉ ବୋଲି ଆମେ କ'ଣ ଚାହୁଁନାହୁଁ କି?

## ଉଲ୍ଲେଖନୀୟ ଆଶ୍ଚର୍ଯ୍ୟକର୍ମସବୁ ମଣ୍ଡଳୀର କ୍ରମାଗତ ଅଭିବୃଦ୍ଧିର କାରଣ

ଆମେ ଦେଖୁ ଯେ ଉଲ୍ଲେଖନୀୟ ଆଶ୍ଚର୍ଯ୍ୟକର୍ମସବୁ ଦ୍ୱାରା ମଣ୍ଡଳୀ କ୍ରମାଗତ ଭାବରେ ବୃଦ୍ଧି ପାଇଲା । ଅନେକ ଆଶ୍ଚର୍ଯ୍ୟକର୍ମ ହେଉଥିଲା, କିନ୍ତୁ କେବଳ ଉଲ୍ଲେଖନୀୟ ଘଟଣାଗୁଡ଼ିକ ପ୍ରେରିତ ପୁସ୍ତକରେ ଦର୍ଶାଯାଇଛି । ଜଣେ 40 ବର୍ଷର ଖଞ୍ଜ ଲୋକ ସୁସ୍ଥ ହେଲା (ପ୍ରେରିତ 3:1-8) । ଅସୁସ୍ଥ ଓ ରୋଗଗ୍ରସ୍ତ ଲୋକମାନେ ଦୂରରୁ ଆସୁଥିଲେ ଯେପରି କି ପିତରଙ୍କ ଛାଇ ସେମାନଙ୍କ ଉପରେ ପଡ଼ିବ, ଆଉ ସେମାନେ ସୁସ୍ଥ ହେଉଥିଲେ ।

ପ୍ରେରିତ 5:12-16

**[12] ପ୍ରେରିତମାନଙ୍କ ହସ୍ତ ଦ୍ୱାରା ଲୋକମାନଙ୍କ ମଧ୍ୟରେ ଅନେକ ଅନେକ ଲକ୍ଷଣ ଓ ଅଦ୍ଭୁତ କର୍ମ ସାଧିତ**
**ହେବାକୁ ଲାଗିଲା, ଆଉ ସମସ୍ତ ମଣ୍ଡଳୀ ଏକଚିତ୍ତରେ ଶଲୋମନଙ୍କ ମଣ୍ଡପରେ ଉପସ୍ଥିତ ହେଉଥିଲେ,**
**[13] କିନ୍ତୁ ଅନ୍ୟ ଲୋକମାନଙ୍କ ମଧ୍ୟରୁ କେହି ସେମାନଙ୍କ ସହିତ ଯୋଗ ଦେବାକୁ ସାହସ କରୁ ନ ଥିଲେ;**
**ତଥାପି ଲୋକମାନେ ସେମାନଙ୍କର ପ୍ରଶଂସା କରୁଥିଲେ,**
**[14] ପୁଣି, ଆହୁରି ଅଧିକ ଅନେକ ପୁରୁଷ ଓ ସ୍ତ୍ରୀ ବିଶ୍ୱାସ କରି ପ୍ରଭୁଙ୍କ ସହିତ ସଂଯୁକ୍ତ ହେବାକୁ ଲାଗିଲେ,**
**[15] ଏପରି କି, ପିତର ଆସିବା ସମୟରେ ଅନ୍ତତଃ ତାଙ୍କ ଛାୟା ଯେପରି ରୋଗୀମାନଙ୍କ ମଧ୍ୟରୁ କାହାରି**
**କାହାରି ଉପରେ ପଡ଼େ, ଏଥିନିମନ୍ତେ ଲୋକମାନେ ସେମାନଙ୍କୁ ଦାଣ୍ଡକୁ ବୋହିନେଇ ଆସି, ଶେଯ ଓ**
**ଖଟିଆରେ ରଖିଦେଉଥିଲେ ।**
**[16] ଯିରୂଶାଲମର ଚତୁର୍ଦ୍ଦିଗସ୍ଥ ନଗରସମୂହରୁ ଲୋକସମୂହ ମଧ୍ୟ ରୋଗିମାନଙ୍କୁ ଓ ଅଶୁଚି ଆତ୍ମା ଦ୍ୱାରା**
**ଆକ୍ରାନ୍ତ ଲୋକମାନଙ୍କୁ ଆଣି ଏକତ୍ର ହେଉଥିଲେ, ଆଉ ସେମାନେ ସମସ୍ତେ ସୁସ୍ଥ ହେଲେ ।**

ଅତଏବ, ଉଦ୍ଦୀପନା ମଧ୍ୟରେ ଆମ ଭିତରେ ମଧ୍ୟ ଏହିସବୁ ଘଟିବ । ଉଲ୍ଲେଖନୀୟ ଆଶ୍ଚର୍ଯ୍ୟକର୍ମସବୁ ସାଧିତ ହେବ । ଆମ ଜୀବନରେ ପ୍ରତିଦିନର ଆଶ୍ଚର୍ଯ୍ୟ କାର୍ଯ୍ୟପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦେଉ, କିନ୍ତୁ ଏହି ଉଦ୍ଦୀପନାର ମଧ୍ୟଦେଇ ଆହୁରି ମହତ୍ ଓ ଉଲ୍ଲେଖନୀୟ ଆଶ୍ଚର୍ଯ୍ୟକାର୍ଯ୍ୟସବୁ ଆମ ମଧ୍ୟରେ ହେବାକୁ ଲାଗିବ ।

## ତାଡ଼ନା

ଉଦ୍ଦୀପନାଯୁକ୍ତ ଏକ ମଣ୍ଡଳୀ ତାଡ଼ନାକୁ ଆମନ୍ତ୍ରିତ କରେ । ଯେତେବେଳେ ଆମେ ଆତ୍ମାଙ୍କ ବୃଷ୍ଟିପାତର ମଧ୍ୟଭାଗରେ ଥାଉ, କୌଣସି କାରଣ ବଶତଃ, ଏହା ତାଡ଼ନାକୁ ଆମନ୍ତ୍ରିତ କରେ । ତେବେ, ଆମେ କଣ ପ୍ରକୃତରେ ଆତ୍ମାଙ୍କ ବୃଷ୍ଟିପାତ ଚାହୁଁ? ଯିହୁଦୀମାନଙ୍କ ଧର୍ମ ପରିଷଦ ପିତର ଓ ଯୋହନଙ୍କୁ ଧରିନେଲେ ଏବଂ ଯୀଶୁଙ୍କ ନାମରେ ଆଉ ପ୍ରଚାର ନ କରିବାକୁ ଧମକ ଦେଲେ (ପ୍ରେରିତ 4:17,18) । ପ୍ରେରିତମାନଙ୍କୁ କାରାଗାରରେ ନିକ୍ଷିପ୍ତ କରାଗଲା (ପ୍ରେରିତ 5:17,18) । ସ୍ତିଫାନ ପ୍ରସ୍ତରାଘାତରେ ହତ ହେଲେ (ପ୍ରେରିତ 7:58) । ଆତ୍ମାଙ୍କ ବୃଷ୍ଟିପାତର ମଧ୍ୟଭାଗରେ ତାଡ଼ନା ବୃଦ୍ଧି ପାଇବା କିଛି ଅସାଧାରଣ ବିଷୟ ନୁହେଁ । କିନ୍ତୁ ପ୍ରେରିମାନେ କିପରି ତାହାର ଉତ୍ତର ଦେଲେ ତାହ ଲକ୍ଷ୍ୟ କରନ୍ତୁ ।

ପ୍ରେରିତ 4:19,20

**[19] କିନ୍ତୁ ପିତର ଓ ଯୋହନ ସେମାନଙ୍କୁ ଉତ୍ତର ଦେଲେ, ଈଶ୍ୱରଙ୍କ କଥା ଶୁଣିବା ଅପେକ୍ଷା ଆପଣମାନଙ୍କ**
**କଥା ଶୁଣିବା ଈଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ କି ନା, ତାହା ଆପଣମାନେ ବିଚାର କରନ୍ତୁ।**

**[20] କାରଣ ଆମ୍ଭେମାନେ ଯାହା ଯାହା ଦେଖିଅଛୁ ଓ ଶୁଣିଅଛୁ, ସେହିସବୁ ନ କହି ରହି ନ ପାରୁ ।**

ପ୍ରେରିତ 5:41
**ସେଥିରେ ସେମାନେ ଯେ ସେହି ନାମ ସକାଶେ ଅପମାନ ଭୋଗିବାକୁ ଯୋଗ୍ୟ ବୋଲି ଗଣିତ ହୋଇଥିଲେ, ସେଥିନିମନ୍ତେ ସେମାନେ ଆନନ୍ଦ କରୁ କରୁ ମହସଭାରୁ ବାହାରିଗଲେ ।**

ପ୍ରେରିତମାନେ କହିଲେ ନାହିଁ ଯେ, ସେମାନେ ପରମେଶ୍ୱରଙ୍କୁ ଆକାଶ ରୁଦ୍ଧ କରିବାକୁ କିମ୍ବା ଆମ୍ଭାଙ୍କ ବୃଷ୍ଟିପାତ କମ୍ କରିବାକୁ କହିବେ । ଅନ୍ୟପକ୍ଷରେ ଈଶ୍ୱର ଯାହା କରୁଥିଲେ ତାହା ସହିତ ଚାଲିବା ପାଇଁ ସେମାନେ ଆନନ୍ଦିତ ହେଲେ । ଈଶ୍ୱରଙ୍କ ବାଧ୍ୟ ହେବା ଯୋଗୁଁ ସେମାନେ ଆନନ୍ଦିତ ଥିଲେ ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଦୁଃଖଭୋଗ କରିବା ଏକ ଗୌରବର ବିଷୟ ମନେ କଲେ । ଆମେମାନେ ମଧ୍ୟ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଦୁଃଖ ସହିବାକୁ ଏକ ଗୌରବର ବିଷୟ ମଣିବା ଉଚିତ ।

ଆମେ ଅଧିକାଂଶ ଅତି ଆରାମଦାୟକ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ ଯାପନ କରିଆସିଛୁ । ଆମେ ଅତି ଅଳ୍ପ ତାଡ଼ନା ଦେଖିଛୁ । ଆମର କାର୍ଯ୍ୟସ୍ଥଳରେ ଆମ ପ୍ରତି ଆମର ସହକର୍ମୀ ଯେଉଁ “କ୍ଷୁଦ୍ର ବିଷୟ” କରେ ହୁଏତ ଆମେ ତାହା ଅନୁଭବ କରିଛୁ—ଯଥା: ଆମର ବିଶ୍ୱାସ ବିଷୟରେ ଜାଣିବା ପରେ ସେ କଥାବାର୍ତ୍ତା ନ କରିବା କିମ୍ବା ମଧ୍ୟାହ୍ନ ଭୋଜନ ପାଇଁ ସାଥିରେ ନ ଯିବା, ବା ପୂର୍ବ ପରି କଫି ଆଣିବା ବନ୍ଦ କରିଦେବା ଇତ୍ୟାଦି । ଏବଂ ଆମେ ଭାବୁ ଯେ, ଆମର ବିଶ୍ୱାସ ପାଇଁ ଆମ କାର୍ଯ୍ୟସ୍ଥଳରେ ଆମେ ତାଡ଼ନା ସହ୍ୟ କରୁଛୁ । ସତ କହିବାକୁ ହେଲେ, ଯାହାକୁ ତାଡ଼ନା କୁହାଯାଏ, ଆମେ ଏ ପର୍ଯ୍ୟନ୍ତ ସେପରି କିଛି ଦେଖିନାହୁଁ । କିନ୍ତୁ ଆମେ ଯଦି କହିବୁ, “ହେ ଈଶ୍ୱର, ଆମେ ଉଦ୍ଦୀପନା ଚାହୁଁ,” ତେବେ ଆମେ ଅଧିକ ତାଡ଼ନା ପାଇଁ ପ୍ରସ୍ତୁତ ରହିବା ଉଚିତ, ଯେପରି ଯିରୁଶାଲମର ମଣ୍ଡଳୀ ଅନୁଭବ କରିଥିଲେ ।

## ପାପ ପ୍ରତି କଠୋର ବିଚାର

ଆମେ ସମସ୍ତେ ଜାଣୁ ଯେ, ଉଦ୍ଦୀପନାର ବାତାବରଣ ମଧ୍ୟରେ ପ୍ରଚୁର ଅନୁଗ୍ରହ, ଆଶ୍ଚର୍ଯ୍ୟକର୍ମ ଓ ଦାନ ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ମୁକ୍ତ କରାଯାଏ । ଠିକ୍ ସେହି ସମୟରେ, ପାପ ପ୍ରତି ମଧ୍ୟ ଅତି ଶୀଘ୍ର ବିଚାର ନିଷ୍ପନ୍ନ ହୁଏ । ଆମ ଭିତରୁ କେତେ

ଜଣ ମିଛ କହି କଚାଡ଼ି ହୋଇ ମରି ଯାଇଛୁ? ଯଦି ତାହା ହୋଇଥାନ୍ତା, ଆମେ କେହି ଆଜି ଜୀବିତ ନ ଥାନ୍ତୁ । ଆଜି, ଯଦିବା ଆମେ ସମସ୍ତେ ବିଶ୍ୱାସୀ, ଆମେ କେତେଜଣ ମିଛ କହୁ, ଚୋରି କରୁ ତଥାପି କେହି ବି ହଠାତ୍ ମରିଯାଇ ନାହୁଁ । କିନ୍ତୁ ଯିରୂଶାଲମରେ ଉଦ୍ଦୀପନାର ମଧ୍ୟଭାଗରେ, ହନନିୟ ଓ ଶଫୀରା ମଣ୍ଡଳୀକୁ ଦେବା ଦାନରେ କିଛିଟା ବୁଝାମଣା କରି ମିଛ କହିଲେ ଆଉ କଚାଡ଼ି ହୋଇ ମଲେ (ପ୍ରେରିତ 5:1-10) । ତାହା ଅତି କଠୋର ବିଚାର ଥିଲା ।

## ଅଲୌକିକ ଶକ୍ତି ପ୍ରଦର୍ଶନ ଓ ଦୂତମାନଙ୍କ ପରିଦର୍ଶନ

ସୁସ୍ଥତା ଓ ଆଶ୍ଚର୍ଯ୍ୟକର୍ମ ବ୍ୟତୀତ ଆଦ୍ୟ ମଣ୍ଡଳୀ ଅଲୌକିକ ଶକ୍ତି ପ୍ରଦର୍ଶନ ଓ ଦୂତମାନଙ୍କ ପରିଦର୍ଶନ ଅନୁଭବ କରୁଥିଲେ । ପ୍ରେରିତ 4:31 ଉଲ୍ଲେଖ କରେ: *"…. ଯେଉଁ ସ୍ଥାନରେ ସେମାନେ ପ୍ରାର୍ଥନା କରିବା ନିମନ୍ତେ ସମବେତ ହୋଇଥିଲେ ତାହା କମ୍ପି ଉଠିଲା ।"* ଏହା କେବଳ ଭୂମିର ଏକ କମ୍ପନ ନ ଥିଲା, କିନ୍ତୁ ଯେଉଁ ସ୍ଥାନରେ ସେମାନେ ସମବେତ ହୋଇଥିଲେ ତାହା କମ୍ପିବାକୁ ଲାଗିଲା, କଳ୍ପନା କରନ୍ତୁ, ଆପଣ ଏକ ପ୍ରାର୍ଥନା ସଭାରେ ଅଛନ୍ତି ଓ ଆପଣ ଅନୁଭବ କରୁଛନ୍ତି ଯେ ସେହି ଘର କମ୍ପିବାକୁ ଲାଗିଲା ଅଥଚ କୌଣସି ଜିନିଷ ତଳେ ପଡୁନାହିଁ । ପ୍ରେରିତ 5:19-21 କହେ ଯେ ଦୂତ ଆସିଲା ଏବଂ ପ୍ରେରିତମାନଙ୍କୁ କାରାଗାରରୁ ବାହାର କରି ଆଣିଲା । ପ୍ରେରିତ 8:26 ରେ ଉଲ୍ଲେଖ ଅଛି ଯେ ଏକ ଦୂତ ଫିଲିପଙ୍କୁ ନିର୍ଦ୍ଦେଶ ଦେଲେ ମରୁଭୂମି ଆଡ଼କୁ ଯିବାପାଇଁ । ଅତଏବ, ପବିତ୍ର ଆତ୍ମାଙ୍କ ବୃଷ୍ଟିପାତ ମଝିରେ ଦୂତମାନଙ୍କ କାର୍ଯ୍ୟକଳାପ ଓ ଦୂତମାନଙ୍କ ସେବାକାର୍ଯ୍ୟ ବଢ଼ି ଚାଲିବ ।

## ଆଭ୍ୟନ୍ତରୀଣ ସମସ୍ୟାବିହୀନ ନୁହେଁ

ଆତ୍ମାଙ୍କର ବୃଷ୍ଟିପାତ କିମ୍ବା ପରିଦର୍ଶନର ମଧ୍ୟଭାଗରେ ସୁଦ୍ଧା ମଣ୍ଡଳୀରେ ଆଭ୍ୟନ୍ତରୀଣ ସମସ୍ୟା ଦେଖାଦେବ । ବେଳେବେଳେ ଆମର ଭୁଲ ଧାରଣା ହୋଇଥାଏ ଯେ, ଯେହେତୁ ପରମେଶ୍ୱରଙ୍କ ଶକ୍ତିଯୁକ୍ତ ପରିଦର୍ଶନ ଚାଲୁ ରହିଛି, କୌଣସି ସମସ୍ୟା ଦେଖାଦେବ ନାହିଁ । କିନ୍ତୁ ଏହି ଧାରଣାର ବିପରୀତ, ଯିରୂଶାଲମର ମଣ୍ଡଳୀ ସମସ୍ୟାର ସମ୍ମୁଖୀନ ହେଲା । ସର୍ବପ୍ରଥମ ସମସ୍ୟା ଯାହା ସେମାନଙ୍କୁ ସମାଧାନ କରିବାକୁ ପଡ଼ିଲା ଯେତେବେଳେ ବିଧବାମାନଙ୍କ ଭିତରେ କଳି ସୃଷ୍ଟି ହେଲା । କେତେକ ଗ୍ରୀକ୍ ଭାଷାବାଦୀ ବିଧବା ଥିଲେ ଆଉ କେତେକ ହିବ୍ରୁ-ଭାଷାବାଦୀ ବିଧବା

ଥିଲେ । କେତେକ ଅନୁଭବ କଲେ ଯେ ଖାଦ୍ୟ ବଣ୍ଟନରେ ସେମାନଙ୍କୁ ଅବହେଳା କରାଯାଉଛି (ପ୍ରେରିତ 6) । ତେଣୁ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ହେଲା କିନ୍ତୁ ପ୍ରେରିତମାନେ ଉଠିଲେ ଏବଂ ଈଶ୍ୱରଙ୍କ ଜ୍ଞାନରେ ସମାଧାନ କଲେ ।

ଏଠାରେ ଲକ୍ଷ୍ୟ କରିବାକୁ ହେବ ଯେ, ଆମର ଉଦ୍ଦୀପନା ଭିତରେ ମଧ୍ୟ ଆଭ୍ୟନ୍ତରୀଣ ସମସ୍ୟା ଉପୁଜି ପାରେ ଏବଂ ତାହାକୁ ଭୟ ନ କରି ଆମେ ଈଶ୍ୱରଙ୍କ ଜ୍ଞାନରେ ତାକୁ ସମାଧାନ କରିବାକୁ ହେବ । ଅନ୍ୟ ଉଲ୍ଲେଖନୀୟ ବିଷୟ ହେଲା, ପରିଚାଳକମାନେ ନିଷ୍ପତ୍ତି ନେଲେ ଯେ ସେମାନେ କେବଳ ବାକ୍ୟ ଓ ପ୍ରାର୍ଥନାର ସେବାରେ ହିଁ ନିୟୋଜିତ ରହିବେ—ଯାହା ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ଥିଲା । ପରିଚାଳକମାନେ ସେହି ବିଷୟ ଉପରେ ମନୋନିବେଶ କଲେ—ଉଦ୍ଦୀପନା ନିମନ୍ତେ ନେତୃତ୍ୱ ଜାରି ରଖିବା । ଏହା ଈଶ୍ୱରଙ୍କୁ ଅନ୍ୱେଷଣ କରୁଥିବା ଆମମାନଙ୍କ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଅଟେ ।

ପରିଚାଳକମାନଙ୍କୁ ଉନ୍ନୀତ କରିବା ଦିଗରେ ମଧ୍ୟ ଆମକୁ ସତର୍କ ରହିବା ଆବଶ୍ୟକ । ଯେକୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଉପରେ ଉଦ୍ଦୀପନା କେନ୍ଦ୍ରିତ ହେବା ଉଚିତ ନୁହେଁ । ତଥାପି, ଉଦ୍ଦୀପନା ନିମନ୍ତେ ନେତୃତ୍ୱର ଗୁରୁତ୍ୱ ଆମକୁ ବୁଝିବାକୁ ହେବ—ପରିଚାଳକମାନେ ଦାୟିତ୍ୱବାନ୍ ହୋଇ ସେମାନଙ୍କ ଯଥା ସ୍ଥାନରେ ରହିବା ଉଚିତ୍ ଏବଂ ସେମାନେ ଯାହା କରିବେ ବୋଲି ଈଶ୍ୱର ଚାହାଁନ୍ତି ତାହା ଉପରେ ଧ୍ୟାନକେନ୍ଦ୍ରିତ କରିବା ଆବଶ୍ୟକ । ଏହା ବହୁଦିନ ଯାଏଁ ଆତ୍ମାଙ୍କ ବୃଷ୍ଟିପାତ ଜାରି ରହିବାରେ ଏବଂ ବୃଦ୍ଧି ହେବାରେ ସାହାଯ୍ୟ କରିବ, ହ୍ରାସ ହେବାକୁ ଦେବ ନାହିଁ । ୱେଲ୍ସ୍ ଉଦ୍ଦୀପନା ସମୟରେ ଏକ ଦୁଃଖଦ ଘଟଣା ଘଟିଥିଲା । ଇଭାନ୍ ରବର୍ଟ୍ସ ସେହି ଉଦ୍ଦୀପନାର ଜଣେ ପ୍ରମୁଖ ପରିଚାଳକ ଥିଲେ ଏବଂ ଉଦ୍ଦୀପନାର ଉତ୍କର୍ଷ ସୋପାନରେ ସେ ଲୋକ ଲୋଚନକୁ ଆସିଥିଲେ, କିନ୍ତୁ କିଛି ଦୁର୍ଭାଗ୍ୟ ବିଷୟ ଘଟିଗଲା । ସେ ହଠାତ୍ ତାଙ୍କ ନେତୃତ୍ୱ ପଦରୁ ଚାଲିଗଲେ ଇଭାନ୍ ରବର୍ଟ୍ସ ମାନସିକ ଓ ଶାରୀରିକ ଭାବେ ଭାଙ୍ଗି ପଡ଼ିଲେ—ସମ୍ପୂର୍ଣ୍ଣ ଅବଶ ହୋଇଗଲେ । ରାତାରାତି ସେ ନିଜ ନେତୃତ୍ୱ ଦାୟିତ୍ୱରୁ ଓହରିଗଲେ ଏବଂ ତାଙ୍କର ଅବଶିଷ୍ଟ ଜୀବନ ନିର୍ଜନବାସ ଥିଲା—କେବଳ ପ୍ରାର୍ଥନା ଓ ଲେଖାଲେଖିରେ ସେ ସମୟ ବିତାଇଲେ । ଯାହାକୁ ପରମେଶ୍ୱର ଶକ୍ତିଯୁକ୍ତ ଭାବରେ ୱେଲ୍ସ ଉଦ୍ଦୀପନାରେ ବ୍ୟବହାର କରିଥିଲେ ସେହି ବ୍ୟକ୍ତିଙ୍କର ଏପରି ଏକ

ଅତି ଦୁଃଖଦ ଅନ୍ତ ହେଲା ।

ଉଦ୍ଦୀପନାରେ ନେତୃତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ । ଯଦିବା ଆମେ ନେତୃତ୍ୱକୁ ଉନ୍ନୀତ କରିବାକୁ କିମ୍ବା ବଡ଼ କରି ଦେଖାଇବାକୁ ଚାହୁଁନା, ଆମେ ଯେଉଁମାନେ ଏହି ଉଦ୍ଦୀପନାର ନେତୃତ୍ୱରେ ରହିଛୁ ଏହା ଆମର ବୁଝିବା ଆବଶ୍ୟକ ଯେ ନିର୍ଦ୍ଦିଷ୍ଟ ଦାୟିତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ, ଅତିଶୟ କ୍ଲାନ୍ତ ହେବାରୁ ନିଜକୁ ରକ୍ଷା କରିବା ଅଥଚ ଦାୟିତ୍ୱ ସମ୍ପାଦନରେ ଅବହେଳା ନ କରିବା, କାରଣ ପରମେଶ୍ୱର ଯାହା ଆମ ମାଧ୍ୟମରେ ଏହି ଜଗତରେ ମୁକ୍ତ କରିବାକୁ ଚାହାନ୍ତି ଆମେ ତାଙ୍କଠାରେ ସେଥିର ଉତ୍ତରଦାୟୀ ଅଟୁ ।

## ପ୍ରତ୍ୟେକେ ଅଲୌକିକତାରେ ପ୍ରବାହିତ

ପ୍ରେରିତ ପୁସ୍ତକରେ ଆମେ ଦେଖୁ ଯେ, ପରବର୍ତ୍ତୀ ସମୟରେ ଯେତେବେଳେ ଆତ୍ମାଙ୍କ ବୃଷ୍ଟିପାତ କ୍ରମେ ବଢ଼ିବାକୁ ଲାଗିଲା ସମସ୍ତେ ସେହି ଅଲୌକିକତାରେ ପ୍ରବାହିତ ହେବାକୁ ଲାଗିଲେ । ଅତି ଶୀଘ୍ର ଆମେ ସ୍ତିଫାନଙ୍କ ବିଷୟରେ (ପ୍ରେରିତ ୬) ଓ ଫିଲିପ ବିଷୟରେ (ପ୍ରେରିତ ୨) ପଢୁ ଯେ, ସେମାନଙ୍କ ଦ୍ୱାରା ମହାଶକ୍ତିର କାର୍ଯ୍ୟ ଓ ଅଦ୍ଭୁତ ଲକ୍ଷଣମାନ ସାଧିତ ହେଲା । ମୁଁ ଦୃଢ଼ରୂପେ ବିଶ୍ୱାସ କରେ ଯେ ଈଶ୍ୱର ଦେଖିବାକୁ ଚାହାନ୍ତି ମଣ୍ଡଳୀର ପ୍ରତ୍ୟେକ ବିଶ୍ୱାସୀ ଯୀଶୁଙ୍କ ନାମରେ ରୋଗ ସୁସ୍ଥ କରନ୍ତୁ, ଭୂତ ଛଡ଼ାନ୍ତୁ ଏବଂ ମୃତମାନଙ୍କୁ ଉଠାନ୍ତୁ । ସେ ଦେଖିବାକୁ ଚାହାଁନ୍ତି ଯେ ଏହି ସହରରେ ଥିବା ତାଙ୍କ ଲୋକମାନେ ଈଶ୍ୱରଙ୍କ ଶକ୍ତି ଓ ଗୌରବ ପ୍ରଦର୍ଶନ ପୂର୍ବକ ଆମ ସହରର ସାହିଗୁଡ଼ିକୁ ଦଖଲ କରନ୍ତୁ । ସାହିମାନଙ୍କରେ, ଯେଉଁସବୁ ଜାଗାରେ ଲୋକମାନଙ୍କର ସାହାଯ୍ୟର ଆବଶ୍ୟକତା ରହିଛି, ପ୍ରତ୍ୟେକ ବିଶ୍ୱାସୀ ଶକ୍ତିଯୁକ୍ତ ଚିହ୍ନ ଓ ଅଦ୍ଭୁତ କାର୍ଯ୍ୟ ପ୍ରଦର୍ଶନ କରନ୍ତୁ । ତାହାହିଁ ଈଶ୍ୱର ମଣ୍ଡଳୀ ମଧ୍ୟକୁ ଆଣିବା ପାଇଁ ଚାହାଁନ୍ତି, ଏବଂ ତାହାହିଁ ଈଶ୍ୱରଙ୍କ ଆତ୍ମାଙ୍କ ବୃଷ୍ଟିପାତର ମଧ୍ୟଭାଗରେ ଘଟିବ । ଆପଣ ଏବଂ ମୁଁ ଈଶ୍ୱରଙ୍କ ଗୌରବକୁ ବହନ କରି ସାହିମାନଙ୍କୁ, ବଜାରକୁ ଓ ଯେଉଁଠି ଲୋକମାନେ ଅଛନ୍ତି ସେହି ସ୍ଥାନମାନଙ୍କୁ ଯିବା ।

## ଅଗ୍ନି ବ୍ୟାପିଯାଏ

ଉଦ୍ଦୀପନାର ଅଗ୍ନି ବ୍ୟାପିଯାଏ । ଯିରୁଶାଲମରେ ଶାଉଲଙ୍କ ନେତୃତ୍ୱରେ ପରିଚାଳିତ ତାଡ଼ନା ଯୋଗୁଁ ବିଶ୍ୱାସୀମାନେ ଛିନ୍ନଭିନ୍ନ ହୋଇଗଲେ, କିନ୍ତୁ ଯେଉଁ ସ୍ଥାନମାନଙ୍କୁ ସେମାନେ ଗଲେ ଉଦ୍ଦୀପନାର ଅଗ୍ନି ସାଥିରେ ବହନ କରି ନେଇଗଲେ । ସେମାନେ ଶମରିୟା ଓ ଯିହୁଦା ପ୍ରଦେଶକୁ ଗଲେ ଆଉ ସେହି ସ୍ଥାନମାନଙ୍କରେ ଅଗ୍ନି ପ୍ରଜ୍ଜ୍ୱଳିତ ହେଲା (ପ୍ରେରିତ 8) । ଆଉ କେତେକେ ଆନ୍ତିୟଖିଆକୁ ଗଲେ ଏବଂ ତାହା ମଧ୍ୟ ପ୍ରଜ୍ଜ୍ୱଳିତ ହେଲା (ପ୍ରେରିତ 11) । ସାଧାରଣ ବିଶ୍ୱାସୀମାନନେ ଯେଉଁ ସ୍ଥାନମାନଙ୍କୁ ଗଲେ, ଉଦ୍ଦୀପନାର ଅଗ୍ନି ନେଇଗଲେ । ମୁଁ ବିଶ୍ୱାସ କରେ ଯେ, ଆମେ ପ୍ରତ୍ୟେକେ ମଧ୍ୟ "ଉଦ୍ଦୀପନା ବାହକ" ହୋଇ ପାରିବା—ଈଶ୍ୱରଙ୍କ ଆତ୍ମାଙ୍କ ବୃଷ୍ଟିପାତ ମଧ୍ୟରେ ଉଦ୍ଦୀପନାର ଅଗ୍ନିବାହକ ।

ଉଦ୍ଦୀପନାର ମଧ୍ୟ ଭାଗରୁ ଯାହା ଆମକୁ ବାହାର କରି ଆଣେ ତାହା ତାଡ଼ନା ହୋଇପାରେ ବା ହୋଇ ନ ପାରେ । ଏହା ହୁଏତ ଆମ ନୂଆ ଚାକିରୀ, କିମ୍ବା ଆମ ଚାକିରୀରେ ବଦଳି ବା ଆଉ କିଛି ହୋଇପାରେ । ଆମେ ବାଙ୍ଗାଲୋର ସହର ଛାଡ଼ି ବାହାରକୁ ଯିବାର ଅନେକ କାରଣ ଥାଇପାରେ । କିନ୍ତୁ ଯେବେ ଆମେ ଯାଉ, ଆମେ ଆତ୍ମାଙ୍କ ବୃଷ୍ଟିପାତ ସାଙ୍ଗରେ ନେଇଯିବା । ଆମେ ଈଶ୍ୱରଙ୍କ ଅଗ୍ନି ସାଙ୍ଗରେ ନେଇଯିବା, ଏବଂ ପୃଥିବୀର ଅନ୍ୟ ସ୍ଥାନରେ ଅଗ୍ନି ଜ୍ୱଳାଇବା । ଆଉ ତାହା ଅଟେ ଏକ ଉଦ୍ଦୀପନାଯୁକ୍ତ ମଣ୍ଡଳୀ ।

ଏକ ଉଦ୍ଦୀପନାଯୁକ୍ତ ମଣ୍ଡଳୀ ହେବା ନିମନ୍ତେ, ଈଶ୍ୱର କାର୍ଯ୍ୟ କରୁଥିବା ମଧ୍ୟରେ ଆମର ଦୈନନ୍ଦିନ ଜୀବନ ପ୍ରଭାବିତ ହେବ । ଏପରିକି ଏହା ଆମର ମାଣ୍ଡଳିକ ଜୀବନକୁ ପ୍ରଭାବିତ କରିବ । କିନ୍ତୁ ଏସବୁର ମୂଲ୍ୟ ଅଛି କାରଣ ଯଦି ଆମର ସହର ପରିବର୍ତ୍ତନ ହେବାକୁ ଯାଉଛି ତେବେ ପ୍ରକୃତରେ ଈଶ୍ୱରଙ୍କ ପରିଦର୍ଶନର ଆବଶ୍ୟକତା ରହିଛି । ଯଦି ଆମ ସହର ପ୍ରଭାବିତ ହେବାକୁ ଯାଉଛି ତେବେ ଏହା ସୂଚାଏ ଯେ ଆମେ ବର୍ତ୍ତମାନ ଈଶ୍ୱରଙ୍କଠାରୁ ଯେତେ ପରିମାଣରେ ପାଇଛୁ ତାହାଠାରୁ ଅତି ଅଧିକ ତାହାଙ୍କଠାରୁ ପାଇବା ଜରୁରୀ ଅଟେ । ଆମ ସହରରେ ଯେଉଁ ସବୁ ଘଟଣା ଘଟିସାରିଛି ସେଥିନିମନ୍ତେ ଆମେ ଧନ୍ୟବାଦୀ, ତଥାପି ଯେଉଁମାନେ ଏପର୍ଯ୍ୟନ୍ତ ଯୀଶୁଖ୍ରୀଷ୍ଟଙ୍କୁ ଜାଣିନାହାନ୍ତି ସେମାନଙ୍କ କଥା ଚିନ୍ତା କରନ୍ତୁ । କୋଟି କୋଟି ଲୋକ

ଅଛନ୍ତି ଯେଉଁମାନେ ଖ୍ରୀଷ୍ଟଙ୍କୁ ଜାଣିନାହାନ୍ତି । ଯଦି ଆମେ ଆମ ସହରକୁ ପ୍ରଭାବିତ କରିବାକୁ ଯାଉଛୁ, ତେବେ ଆମେ ଈଶ୍ୱରଙ୍କ ଆତ୍ମାଙ୍କର ଶକ୍ତିଯୁକ୍ତ ବୃଷ୍ଟିପାତ ଆବଶ୍ୟକ କରୁ । ଆମେ ଈଶ୍ୱରଙ୍କ ପରିଦର୍ଶନ ପାଇବାକୁ ହେବ । ଆଜି ଆମେ ଈଶ୍ୱରଙ୍କ ସହିତ ଯେଉଁ ସମ୍ପର୍କ ରଖି ଚାଲିଛୁ ତାହାଠାରୁ ଆହୁରି ନିବିଡ଼ତର ସମ୍ପର୍କ ଆବଶ୍ୟକ, ଅର୍ଥାତ୍ ଆପଣ ଓ ମୁଁ ଏଥିପାଇଁ ପ୍ରାଣପଣ କରିବାକୁ ହେବ । ଈଶ୍ୱରଙ୍କୁ ଏକ ଶକ୍ତିଯୁକ୍ତ ଉଦ୍ଦୀପନା ମାଗିବା ପାଇଁ ଆପଣ ଇଚ୍ଛୁକ କି-ତାହାଙ୍କ ଆତ୍ମାଙ୍କର ଏକ ଭାରି ବୃଷ୍ଟିପାତକୁ?

ଆସୁ, ଏକ ଉଦ୍ଦୀପନାଯୁକ୍ତ ମଣ୍ଡଳୀ ପ୍ରାପ୍ତହେବା ନିମନ୍ତେ ଆମେ ଅଗ୍ରସର ହେଉ! ଆମେନ୍!

# ଆପଣ ଈଶ୍ୱରଙ୍କୁ ଜାଣନ୍ତି କି ଯିଏ ଆପଣଙ୍କୁ ପ୍ରେମ କରନ୍ତି ?

ପ୍ରାୟ 2000 ବର୍ଷ ପୂର୍ବେ, ଈଶ୍ୱର ଏହି ଜଗତକୁ ମନୁଷ୍ୟ ସଦୃଶ ହୋଇ ଆସିଲେ । ତାହାଙ୍କ ନାମ ଯୀଶୁ । ସେ ଏକ ସିଦ୍ଧତାରେର ସହିତ ପାପ ଶୂନ୍ୟ ଜୀବନଯାପନ କଲେ । ଯେତେବେଳେ ଯୀଶୁ ମାନବ ରୂପରେ ଈଶ୍ୱର ଥିଲେ । ସେ ଯାହା କିଛି କହିଲେ ଓ କରିଲେ ତାହା ଦ୍ୱାରା ସେ ଆମମାନଙ୍କ ଠାରେ ଈଶ୍ୱରଙ୍କୁ ପ୍ରକାଶ କଲେ । ସେ ଯେଉଁ ବାକ୍ୟ କହିଲେ ତାହା ବାସ୍ତବରେ ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ଈଶ୍ୱରଙ୍କ ପରି କାର୍ଯ୍ୟ କଲେ । ପୃଥିବୀରେ ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ । ସେ ଦୁଃଖୀ ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ଦୃଷ୍ଟିଶକ୍ତି ଦେଲେ, ବଧିରମାନଙ୍କୁ ଶୁଣିବା ଶକ୍ତି ଦେଲେ, ଖଞ୍ଜ ଲୋକମାନଙ୍କୁ ଚାଲିବାର ଶକ୍ତି ଦେଲେ ଏବଂ ପ୍ରତ୍ୟେକ ଅସୁସ୍ଥ ଓ ବିଭିନ୍ନପ୍ରକାରର ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅଳ୍ପକେତେକ ରୋଟୀକୁ ନେଇ ଆଶ୍ଚର୍ଯ୍ୟଭାବେ ବହୁତ ରୋଟି କଲେ ଏବଂ ହଜାର ହଜାର କ୍ଷୁଧାର୍ତ୍ତ ଲୋକଙ୍କୁ ଖୁଆଇଲେ, ଝଡ଼ ବତାସକୁ ସ୍ଥିର କଲେ ଏବଂ ଅନେକ ଆଶ୍ଚର୍ଯ୍ୟ କର୍ମମାନ କଲେ ।

**ଏହି ସମସ୍ତ କାର୍ଯ୍ୟ ଆମଠାରେ ପ୍ରକାଶ ହେଲା ଯେପରି ଈଶ୍ୱର ଯେ ଉତ୍ତମ ବା ମଙ୍ଗଳମୟ ପରମେଶ୍ୱର ଯାହାକି ସେ ଚାହାନ୍ତି ଯେ ଲୋକମାନେ ଉତ୍ତମ ହେଉନ୍ତୁ, ସମସ୍ତେ ସୁସ୍ଥ ଓ ଖୁସିରେ ରୁହନ୍ତୁ । ଈଶ୍ୱର ଲୋକମାନଙ୍କ ଆବଶ୍ୟକତା ଯୋଗାଇବାକୁ ଇଚ୍ଛା କରନ୍ତି ।**

ତେବେ ଈଶ୍ୱର କାହିଁକି ନିଜେ ମନୁଷ୍ୟ ହେବାକୁ ନିଷ୍ପତ୍ତି ନେଲେ ଓ ଜଗତକୁ ମନୁଷ୍ୟ ରୂପରେ ଆସିଲେ? କାହିଁକି ଯୀଶୁ ଆସିଲେ?

ଆମେ ସମସ୍ତେ ପାପ କରିଅଛୁ ଏବଂ ଯିଏ ଆମକୁ ସୃଷ୍ଟି କରିଅଛନ୍ତି ସେହି ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭେମାନେ ଅଗ୍ରହଣୀୟ ବିଷୟ ପରି କାର୍ଯ୍ୟ କରିଅଛୁ । ପାପର ପରିଣାମ ଗୁଡିକ ରହିଛି । ପାପ ଏକ ବିରାଟ କାନ୍ଥ ସଦୃଶ ଅଟେ ଯାହା ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ଠିଆ ହୋଇଅଛି । ପାପ ଈଶ୍ୱରଙ୍କ ଠାରୁ ଆମକୁ ଅଲଗା କରେ। ଯିଏ ଆମକୁ ସୃଷ୍ଟି କରିଅଛନ୍ତି ତାହାଙ୍କୁ ଜାଣିବା ନିମନ୍ତେ ଓ ତାଙ୍କ ସହିତ ମହତପୁର୍ଣ୍ଣ ସମ୍ପର୍କ ରଖିବାରେ ପାପ ପ୍ରତିବନ୍ଧକ ସାଜେ । ତେଣୁ, ଆମ୍ଭମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଅନ୍ୟ ବିଷୟଗୁଡ଼ିକ ସହ ଶୂନ୍ୟସ୍ଥାନରେ ପୂରଣ କରିବାକୁ ଚେଷ୍ଟା କରନ୍ତି।

ଆମ ପାପଗୁଡିକର ଅନ୍ୟ ପରିଣାମଗୁଡିକ ହେଲା ଈଶ୍ୱରଙ୍କ ଠାରୁ ଆମ୍ଭମାନଙ୍କୁ ଅନନ୍ତକାଳ ପୃଥକ୍ କରେ । କୃଶରଙ୍କ ବିଚାରଳୟରେ ପାପର ପରିଣାମ ମୃତ୍ୟୁ ଅଟେ । ମୃତ୍ୟୁ ଈଶ୍ୱରଙ୍କ ଠାରୁ ସର୍ବଦା ଅଲଗା ହୋଇ ନର୍କରେ ସ୍ଥାନ ପାଏ ।

କିନ୍ତୁ ସୁସମ୍ବାଦ ଏହା ଯେ ଆମେ ପାପଠାରୁ ମୁକ୍ତ ହୋଇପାରିବା ଓ ଈଶ୍ୱରଙ୍କ ସହିତ ପୁନଃ ମିଳିତ ହୋଇପାରିବା । ବାଇବଲ କହେ, ***"କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ"*** **(ରୋମୀୟ 6:23)**। ତେବେ ଯୀଶୁ ସମଗ୍ର ଜଗତର ପାପ ନିମନ୍ତେ ମୂଲ୍ୟ ସ୍ୱରୂପ ନିଜ ପ୍ରାଣକୁ କ୍

କ୍ରୁଶୀୟ ମୃତ୍ୟୁ ଦ୍ୱାରା ଦେଇଅଛନ୍ତି।  ତା'ପରେ ସେ ତିନିଦିନ ପରେ ମୃତ୍ୟୁରୁ ପୁନଃଜୀବିତ ହେଲେ, ଅନେକଙ୍କୁ ସେ ଜୀବିତ ଅବସ୍ଥାରେ ଦେଖାଦେଲେ  ଏବଂ ଏହାପରେ ସେ ସ୍ୱର୍ଗକୁ ଫେରିଗଲେ ।

ଈଶ୍ୱର  ପ୍ରେମ ଓ ଦୟାର ଈଶ୍ୱର ଅଟନ୍ତି । ସେ ଚାହାନ୍ତି ନାହିଁ ଯେ କୌଣସି ବ୍ୟକ୍ତି ନର୍କରେ ପଡି ବିନଷ୍ଟ ନ ହୁଅନ୍ତୁ । ଆଉ ସେ ଆସିଲେ ଯେପରି ସମଗ୍ର ମାନବଜାତିକୁ ପାପରୁ ଉଦ୍ଧାର ଏବଂ ପାପର ପରିଣାମରୁ ମୁକ୍ତି ପାଇବା ପାଇଁ ଏକ ମାର୍ଗ ପ୍ରଦାନ କରନ୍ତି । ସେ ପାପୀମାନଙ୍କୁ ଉଦ୍ଧାର କରିବାକୁ ଆସିଲେ—ଆପଣଙ୍କ ପରି ଲୋକମାନଙ୍କୁ ଓ ମୋତେ ପାପରୁ ଓ ଅନନ୍ତ ମୃତ୍ୟୁରୁ ଉଦ୍ଧାର କରିବାକୁ ଆସିଲେ ।

ପାପରୁ କ୍ଷମା ମୁକ୍ତ ଭାବରେ ପାଇବା ପାଇଁ, ବାଇବଲ ଆମ୍ଭମାନଙ୍କୁ କହେ ଯେ ଆମକୁ କେବଳ ଏକ କାର୍ଯ୍ୟ କରିବାକୁ ପଡ଼ିବ—ଯୀଶୁ ଖ୍ରୀଷ୍ଟ କ୍ରୁଶ ଉପରେ ଯାହା କଲେ ତାହା ବିଶ୍ୱାସ କରିବାକୁ ହେବ ଏବଂ ସର୍ବାନ୍ତଃକରଣ ସହିତ ବିଶ୍ୱାସ କରିବାକୁ ହେବ ।

***"... ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ"*** **(ପ୍ରେରିତ  10:43) ।**

***"ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ"*** **(ରୋମୀୟ 10:9) ।**

ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣଙ୍କ ପାପରୁ ପରିଷ୍କୃତ ହୋଇପାରିବେ ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବେ ।

ନିମ୍ନଲିଖିତ ଏକ ସରଳ ପ୍ରାର୍ଥନା ଦ୍ୱାରା ଆପଣଙ୍କୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଏବଂ ଆପଣଙ୍କ ନିମନ୍ତେ ସେ କ୍ରୁଶ ଉପରେ ଯାହା କରିଅଛନ୍ତି ତାହା ବିଶ୍ୱାସ କରିବାକୁ ସାହାଯ୍ୟ ହେବ । ଏହି ପ୍ରାର୍ଥନା ଆପଣଙ୍କ ନିମନ୍ତେ ଯୀଶୁ ଖ୍ରୀଷ୍ଟ କ'ଣ କରିଅଛନ୍ତି ତାହା ସ୍ୱୀକାର କରିବାକୁ ଓ ପାପ କ୍ଷମା ପାଇବାକୁ ଏବଂ ଆପଣଙ୍କ ପାପରୁ ପରିଷ୍କୃତ ହେବାକୁ ସହାୟକ ହେବ । ଏହି ପ୍ରାର୍ଥନା କେବଳ ଏକ ମାର୍ଗଦର୍ଶିକା ଅଟେ । ଆପଣ ନିଜେ  ମଧ୍ୟ ନିଜ ଶବ୍ଦଗୁଡିକରେ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ଆଜି ମୁ ଜାଣିଲିଯେ, ତୁମେ ମୋ ନିମନ୍ତେ କ୍ରୁଶ ଉପରେ ଯାହା କରିଅଛ। ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ । ତୁମେ ତୁମର ବହୁମୂଲ୍ୟ ରକ୍ତ ଝରାଇ ମୋ ପାପର ମୂଲ୍ୟଦେଲ ଯେପରି ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହୁଏ । ବାଇବଲ ମୋତେ କହେ ଯେ, ଯେକେହି ତୁମଠାରେ ବିଶ୍ୱାସ କରେ ସେମାନେ ସେମାନଙ୍କ ପାପରୁ କ୍ଷମା ପ୍ରାପ୍ତ ହେବେ ।*

*ତୁମେ ମୋ ନିମନ୍ତେ ଯାହା କରିଅଛ । ତୁମେ ମୋ ନିମନ୍ତେ ପୁନର୍ଜୀବିତ ଉପରେ ମୃତ୍ୟୁଭୋଗ କଲ ଓ ମୃତ୍ୟୁରୁ ପୁନର୍ଜୀବିତ ହେଲ । ମୁଁ ଜାଣେ ନିଜକୁ ମୋର ଉତ୍ତମ କାର୍ଯ୍ୟ ଦ୍ୱାରା ଉଦ୍ଧାର କରିପାରିବି ନାହିଁ କିଅବା କୌଣସି ବ୍ୟକ୍ତି ମୋତେ ଉଦ୍ଧାର କରିପାରିବେ ନାହିଁ । ମୁଁ*

*ମୋର ପାପଗୁଡ଼ିକ ନିମନ୍ତେ କ୍ଷମା ଅର୍ଜନ କରିପାରିବି ନାହିଁ ।*

*ଆଜି, ମୁଁ ହୃଦୟରେ ବିଶ୍ୱାସ କରେ ଓ ମୋ ମୁଖରେ ସ୍ୱୀକାର କରେ ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ, ମୋ ପାପର ମୂଲ୍ୟ ଦେଲ, ମୃତ୍ୟୁରୁ ପୁନର୍ଜୀବିତ ହେଲ ଏବଂ ତୁମଠାରେ ବିଶ୍ୱାସ ଦ୍ୱାରା ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହେଉଅଛି ଓ ପାପରୁ ପରିଷ୍କୃତ ହେଉଅଛି ।*

*ଧନ୍ୟବାଦ ଯୀଶୁ । ତୁମକୁ ପ୍ରେମ କରିବାକୁ, ତୁମକୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର ।*

*ଆମେନ୍ ।*

# ଅଲ୍ ପିପୁଲ୍ସ ଚର୍ଚ୍ଚ ସମ୍ବନ୍ଧରେ

ଅଲ୍ ପିପୁଲ୍ସ ଚର୍ଚ୍ଚର ଦର୍ଶନ ହେଲା ବାଙ୍ଗାଲୋର ନଗରରେ ଲବଣ ଏବଂ ଜ୍ୟୋତିଃ ସଦୃଶ୍ୟ ହେବା ନିମନ୍ତେ, ଦେଶ ଓ ଦେଶଗୁଡିକରେ ଏକ ସ୍ୱର ହେବା ନିମନ୍ତେ ।

ଅଲ୍ ପିପୁଲ୍ସ ଚର୍ଚ୍ଚ **ଏକ ଯୀଶୁ ପ୍ରେମୀ, ବାକ୍ୟ ଧ୍ୟାନ, ଆତ୍ମାରେ ପରିପୂର୍ଣ୍ଣ**, ପାରିବାରିକ ମଣ୍ଡଳୀ, ଏକ ପ୍ରୋତ୍ସାହନ କେନ୍ଦ୍ର, ଏକ ମିଶନ ଆଧାର ଓ ବିଶ୍ୱ ସୁସମାଚାର ପ୍ରସାରକ ଅଟେ ।

- ଏକ **ପାରିବାରିକ ମଣ୍ଡଳୀ** ଭାବେ,ଖ୍ରୀଷ୍ଟ-କୈନ୍ଦ୍ରିକ ସହଭାଗିତାରେ ଏକ ଗୋଷ୍ଠୀ ଭାବରେ ଆମେ ବୃଦ୍ଧି ହେଉ, ପ୍ରେମରେ ପରସ୍ପରର ଯତ୍ନ ଓ ସେବା କରି ଈଶ୍ୱରଙ୍କ ସମାବେଶ ସଦୃଶ ହେବା।
- ଏକ **ପ୍ରୋତ୍ସାହନ କେନ୍ଦ୍ର** ଭାବରେ, ପ୍ରତ୍ୟେକ ବିଶ୍ୱାସଙ୍କୁ ବିଜୟୀ ଜୀବନ କାଟିବାକୁ, ଖ୍ରୀଷ୍ଟଙ୍କ ସଦୃଶରେ ପରିପକ୍ୱ ହେବାକୁ ଓ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପୂରଣ କରିବାକୁ ଆମ୍ଭେମାନେ ସଶକ୍ତି ଓ ପ୍ରୋତ୍ସାହିତ କରୁ ।
- ଏକ **ମିଶନ ଆଧାର** ଭାବରେ, ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ଯୀଶୁ ଖ୍ରୀଷ୍ଟଙ୍କ ସଂପୂର୍ଣ୍ଣ ସୁସମାଚାର ଏବଂ ପବିତ୍ର ଆତ୍ମାଙ୍କ ଶକ୍ତିର ଅଲୌକିକ ପ୍ରଦର୍ଶନ ଦ୍ୱାରା ଆମର ନଗର, ଦେଶ ଓ ଦେଶଗୁଡ଼ିକୁ ଆଶୀର୍ବାଦ କରିବା ନିମନ୍ତେ ଆମେ ମହତପୂର୍ଣ୍ଣ ସେବାକାର୍ଯ୍ୟରେ ଜଡିତ ଅଟୁ ।
- ଏକ **ବିଶ୍ୱ ସୁସମାଚାର ପ୍ରସାରକ** ଭାବରେ, ଆମେ ସ୍ଥାନୀୟ ଏବଂ ବିଶ୍ୱ ସ୍ତରରେ ସେବା କରୁ ଧର୍ମୀୟ ନେତା ଓ ଆତ୍ମାରେ ପରିପୂର୍ଣ୍ଣ ମଣ୍ଡଳିଗୁଡିକ ଦ୍ୱାରା ଯେଉଁମାନେ କି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ସେମାନଙ୍କ ଅଞ୍ଚଳରେ ପ୍ରଭାବ ପକାଇପାରିବେ ।

ଅଲ୍ ପିପୁଲ୍ସ ଚର୍ଚ୍ଚରେ, ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନରେ ଆମେ ସଂପୂର୍ଣ୍ଣ ଓ ସାଲିସବିହୀନ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରୁ । ଆମେ ଉତ୍ତମ ସଙ୍ଗୀତ, ସର୍ଜନାତ୍ମକ ଉପସ୍ଥାପନା, ବିଚକ୍ଷଣ ଦୁଃଖପ୍ରକାଶ, ସମସାମୟିକ ସେବାକାର୍ଯ୍ୟ ଶୈଳୀ, ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଏପରି ଅନେକ, ପବିତ୍ର ଆତ୍ମାଙ୍କ ଶକ୍ତିର ଚିହ୍ନ, ଲକ୍ଷଣ, ଆଶ୍ଚର୍ଯ୍ୟ କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଦାନରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାକୁ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ପଦ୍ଧତିକୁ କୌଣସି ବିଷୟ ବଦଳାଇ ପାରିବେ ନାହିଁ (1 କରିନ୍ଥୀୟ 2:4,5; ଏବ୍ରୀ 2:3,4)। ଆମର ପ୍ରସଙ୍ଗ ହେଉଛି ଯୀଶୁ, ଆମର ବିଷୟବସ୍ତୁ ହେଉଛି ବାକ୍ୟ, ଆମର ପଦ୍ଧତି ହେଉଛି ପବିତ୍ର ଆତ୍ମାଙ୍କ ଶକ୍ତି, ଆମର ଆବେଗ ହେଉଛି ଲୋକମାନେ ଓ ଆମର ଲକ୍ଷ୍ୟ ହେଉଛି ଖ୍ରୀଷ୍ଟ-ସଦୃଶ ସମସ୍ତେ ପରିପକ୍ୱତା ହେଉନ୍ତୁ।

ବାଙ୍ଗାଲୋରରେ ଆମର ମୁଖ୍ୟ ମଣ୍ଡଳୀ ସହିତ, ଅଲ୍ ପିପୁଲ୍ସ ଚର୍ଚ୍ଚର ଅନ୍ୟ ମଣ୍ଡଳୀଗୁଡିକ ଭାରତର ବିଭିନ୍ନ ସ୍ଥାନମାନଙ୍କରେ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚର ବର୍ତ୍ତମାନ ତାଲିକା ଓ ଯୋଗାଯୋଗ କରିବା ନିମନ୍ତେ ସୂଚନା ପାଇବାକୁ, ଦୟାକରି ଅଲ୍ ପିପୁଲ୍ସ ଚର୍ଚ୍ଚର ୱେବସାଇଟ ଦେଖନ୍ତୁ **apcwo.org/locations** କିମ୍ବା ଏହି ଇମେଲ ଠିକଣାରେ ମେସେଜ ପଠାନ୍ତୁ **contact@apcwo.org**

# ମାଗଣା ପ୍ରକାଶନଗୁଡ଼ିକ

A Church in Revival
A Real Place Called Heaven
A Time for Every Purpose
Ancient Landmarks
Baptism in the Holy Spirit
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling
Don't Lose Hope
Equipping the Saints
Foundations (Track 1)
Fulfilling God's Purpose for Your Life
Gifts of the Holy Spirit
Giving Birth to the Purposes of God
God Is a Good God
God's Word–The Miracle Seed
How to Help Your Pastor
Integrity
Kingdom Builders
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses–Don't Take Them
Open Heavens
Our Redemption
Receiving God's Guidance
Revivals, Visitations and Moves of God
Shhh! No Gossip!
Speak Your Faith
The Conquest of the Mind
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of Praying in Tongues
Timeless Principles for the Workplace
Understanding the Prophetic
Water Baptism
We Are Different
Who We Are in Christ
Women in the Workplace
Work–Its Original Design

ନୂଆ ବହିଗୁଡ଼ିକ ନିୟମିତ ପ୍ରକାଶନ ହେଉଥାଏ । ଦୟାକରି **apcwo.org/books** ୱେବସାଇଟ ଦେଖନ୍ତୁ ଓ ଅଲ୍ ପିପୁଲ୍ସ ଚର୍ଚ୍ଚର ପିଡିଏଫ ମାଧ୍ୟମରେ ଥିବା ଖ୍ରୀଷ୍ଟୀୟ ପୁସ୍ତକଗୁଡ଼ିକ, ଅଡିଓ ଏବଂ ଅନ୍ୟାନ୍ୟ ଭାଷାରେ ଉପଲବ୍ଧ ପୁସ୍ତକଗୁଡିକୁ ମାଗଣାରେ ଡାଉନଲୋଡ କରନ୍ତୁ । ପୁଣି ମାଗଣା ଅଡିଓ ଏବଂ ଭିଡିଓର ବାକ୍ୟ ପ୍ରଚାର, ବାକ୍ୟ ପ୍ରଚାର ଲେଖାଗୁଡ଼ିକ ଓ ଅନ୍ୟାନ୍ୟ ମାଗଣା ଉତ୍ସଗୁଡିକ ନିମନ୍ତେ **apcwo.org/sermons** ୱେବସାଇଟ ଦେଖନ୍ତୁ ।

# ଖ୍ରୀସଲିଶ କାଉନସେଲିଂ

ଖ୍ରୀସଲିଶ କାଉନସେଲିଂ ଲୋକମାନଙ୍କୁ ବ୍ୟକ୍ତିଗତ ଭାବେ ସାହାଯ୍ୟ କରେ ଯେମିତି ସେମାନେ ସମ୍ମୁଖୀନ ହେଉଥିବା ଜୀବନର ସମସ୍ୟାର ମୁକାବିଲା କରିପାରିବେ ଏବଂ ବିଜୟ ପ୍ରାପ୍ତ ହେବେ। ଖ୍ରୀସଲିଶ କାଉନସେଲିଂ ବୃତ୍ତିଗତ ଭାବେ ତାଲିମ ପ୍ରାପ୍ତ ଓ ଅନୁଭୂତି ସମ୍ପନ୍ନ ଖ୍ରୀଷ୍ଟିୟାନ ପରାମର୍ଶଦାତା ମାନଙ୍କ ଏକ ଦଳ ଅଟେ।

ଆମର ସେବାକାର୍ଯ୍ୟ ସମସ୍ତ ପ୍ରକାର ବୟସ ଦଳର ଲୋକମାନଙ୍କଠାରେ ଓ ଜୀବନର ବିଭିନ୍ନ ସ୍ୱାନ୍ତନାପୂର୍ଣ ବିଶେଷ ଗୁଡ଼ିକ ନିମନ୍ତେ ଅଟେ ।

**କିଶୋରବସ୍ଥା**
**ବ୍ୟକ୍ତିଗତ ସମନ୍ୱୟ**
**ସମ୍ପର୍କ ସମ୍ବନ୍ଧୀୟ ଆହ୍ୱାନପୂର୍ଣ୍ଣ ବିଷୟ**
**ପାଠପଢ଼ାରେ ଅସଫଳ**
**କାର୍ଯ୍ୟ ସମ୍ବନ୍ଧୀୟ**
**ପରିବାର / ଦମ୍ପତି: ବିବାହ ପୂର୍ବରୁ/**
**ବିବାହ ପରେ ସମସ୍ୟା**
**ପିତାମାତା / ସହକର୍ମୀ / ପିଲାମାନେ / ଭାଇଭଉଣୀ**
**ଆଚରଣଗତ ବ୍ୟାଧି**
**ବ୍ୟକ୍ତିତ୍ୱ ବ୍ୟାଧି**
**ମାନସିକ / ଭାବପ୍ରବଣ ସମସ୍ୟା**
**ବିଷାଦଗ୍ରସ୍ତ / ଆଘାତପ୍ରାପ୍ତ**
**ନିଶା ସେବନ / ମଦ ନିଶାଗ୍ରସ୍ତ**
**ଆତ୍ମିକ ସମସ୍ୟା**
**ଜୀବନ ସମ୍ବନ୍ଧୀୟ**

ଖ୍ରୀସଲିଶ କାଉନସେଲିଂ ସେବାର ଦେୟ ସୁଲଭ ଓ ସୁଗମ ଅଟେ ।

ଆମର ତାଲିମପ୍ରାପ୍ତ ପରମର୍ଶଦାତାଙ୍କ ମଧ୍ୟରୁ ଜଣଙ୍କ ସହ ସାକ୍ଷାତ ସମୟ ନିର୍ଦ୍ଧାରଣ କରିବା ନିମନ୍ତେ:

**ୱେବ୍ସାଇଟ: chrysalislife.org**
**ଫୋନ ନମ୍ବର:** +91-80-25452617 କିମ୍ବା ଟୋଲ ଫ୍ରି ନମ୍ବର (କେବଳ ଭାରତ ମଧ୍ୟରେ) 1-800-300-00998
**ଇମେଲ: counselor@chrysalislife.org**

ଖ୍ରୀସଲିଶ କାଉନସେଲିଂ,ଅଲ୍ ପିପୁଲ୍ସ ଚର୍ଚ୍ଚରବିଶ୍ୱ ସୁସମାଚାର ପ୍ରଚାରଏକ ସେବାକାର୍ଯ୍ୟ ଅଟେ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର

ସ୍ଥାନୀୟ ମଣ୍ଡଳୀ ସହ ସମଗ୍ର ଭାରତ ଦେଶରେ,ବିଶେଷ କରି ଉତ୍ତର ଭାରତରେ ସୁସମାଚାର ପ୍ରଚାର କରି ଅଲ୍ ପିପୁଲ୍ସ ଚର୍ଚ୍ଚ ନିଜ ସୀମା ବାହାରେ ମଧ୍ୟ ସୁସମାଚାର ପ୍ରଚାର କରୁଅଛି, ଏହାର ପ୍ରମୁଖ ଲକ୍ଷ୍ୟ ହେଲା (କ)ନେତାମାନଙ୍କୁ ସୁଦୃଢ଼ କରିବା, (ଖ) ଯୁବାମାନଙ୍କୁ ସେବାକାର୍ଯ୍ୟ କରିବା ନିମନ୍ତେ ସୁସଜ୍ଜିତ କରିବା, ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଠନ କରିବା, ବର୍ଷ ସାରା ଯୁବାମାନଙ୍କ ନିମନ୍ତେ ବିଭିନ୍ନ ତାଲିମ ଶିବିର ଓ 'ଖ୍ରୀଷ୍ଟୀୟ ନେତାମାନଙ୍କ ସମାବେଶ' ଆୟୋଜନ କରାଯାଏ। ଏହା ସହିତ,ବିଶ୍ୱାସୀମାନଙ୍କୁ ବାକ୍ୟରେ ଓ ଆତ୍ମାରେ ସୁସଜ୍ଜିତ କରିବା ନିମନ୍ତେ ହଜାର ହଜାର ବହି ଇଂରାଜୀ ଓ ବିଭିନ୍ନ ଭାଷାରେ ପ୍ରକାଶନ କରି ମାଗଣାରେ ବଣ୍ଟନ କରାଯାଏ ।

ଆମେ ଆପଣମାନଙ୍କୁ ନିମନ୍ତ୍ରଣ କରୁ କି ଏକକାଳୀନ ଦାନ କିମ୍ବା ମାସିକ ଆର୍ଥିକ ଦାନ ସାହାଯ୍ୟ ଦ୍ୱାରା ଆମ ସହିତ ଅଂଶୀଦାର ହେବା ପାଇଁ । ଆମ ଭାରତ ଦେଶ ସାରା ଚାଲୁଥିବା ସେବାକାର୍ଯ୍ୟ ନିମନ୍ତେ ଯେକୌଣସି ପରିମାଣର ସାହାଯ୍ୟ ଆମକୁ ଆପଣ ସ୍ୱଇଚ୍ଛାରେ ପଠାଇ ପାରିବେ ତାହା ଅତି ପ୍ରଶଂସନୀୟ ବିଷୟ ହେବ ।

ଆପଣ ଆପଣଙ୍କ ସାହାଯ୍ୟ ଦାନ ଚେକ୍ / ବ୍ୟାଙ୍କ ଡ୍ରାଫ୍ଟ–ଦେୟକୁ "ଅଲ୍ ପିପୁଲ୍ସ ଚର୍ଚ୍ଚ" ମାଧ୍ୟମରେ ଆମ ଅଫିସ ଠିକଣାରେ ପଠାଇପାରିବେ । ଅଥବା, ଆମର ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପ୍ରତ୍ୟକ୍ଷ ଭାବରେ ପଠାଇପାରିବେ ।

**ଆକାଉଣ୍ଟ ନାମ –** All Peoples Church
**ଆକାଉଣ୍ଟ ନମ୍ବର –** 50200068829058
**IFSC କୋଡ୍ –** HDFC0004367
**ବ୍ୟାଙ୍କ –** HDFC Bank, 7M/308 80Ft Rd, HRBR Layout, Kalyan Nagar, Bengaluru, Karnataka 560043

***ବିଶେଷ ସଂକ୍ଷିପ୍ତ ବିବରଣୀ:*** *ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଅବସ୍ଥିତ ବ୍ୟାଙ୍କଗୁଡିକଠାରୁ ହିଁ ସାହାଯ୍ୟ ଦାନ ଗ୍ରହଣ କରେ । ଯେତେବେଳେ ଆପଣ ସାହାଯ୍ୟ ଦାନ ପଠାନ୍ତି, ଯଦି ଦେବାକୁ ଇଚ୍ଛା କରନ୍ତି, ଆପଣ ଅଲ୍ ପିପୁଲ୍ସ ଚର୍ଚ୍ଚର କେଉଁ ବିଶେଷ ସେବାକାର୍ଯ୍ୟ ନିମନ୍ତେ ଆପଣଙ୍କ ଦାନ ବ୍ୟବହୃତ ହେଉ ବୋଲି ଚାହାନ୍ତି, ତାହା ସ୍ପଷ୍ଟ ଭାବେ ଲେଖି ଜଣାଇପାରିବେ । ଅତିରିକ୍ତ ସୂଚନା ନିମନ୍ତେ ଦେଖନ୍ତୁ: apcwo.org/give.*

ପୁଣି, ଯେତେବେଳେ ମଧ୍ୟ ହେଉ ଆପଣ ଆପଣଙ୍କ ପ୍ରାର୍ଥନାରେ ଦୟାକରି ଆମ ନିମନ୍ତେ ଓ ଆମ ସେବାକାର୍ଯ୍ୟ ନିମନ୍ତେ ସ୍ମରଣ କରୁଥାନ୍ତୁ ।

**ଆପଣଙ୍କୁ ଧନ୍ୟବାଦ ଓ ଈଶ୍ୱର ଆଶୀର୍ବାଦ କରନ୍ତୁ!**


DOWNLOAD THE FREE APP!

*Search for*

**"All Peoples Church Bangalore"**
**in the App or Google play stores.**

Available on the App Store

ANDROID APP ON Google play







*A daily 5-minute video devotional.*
*A daily Bible reading and prayer guide.*
*5-minute Sermon summary.*
*Toolkit with Scriptures on various topics to build faith and information to share the Gospel.*
*Resources with sermons, sermon notes, TV programs, books, music and more.*

*IF YOU LOVE IT, TELL OTHERS ABOUT IT!*

# ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ

apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ ଏବଂ ସେବାକାର୍ଯ୍ୟ ତାଲିମ କେନ୍ଦ୍ର, ବାଙ୍ଗାଲୋର, ଭାରତରେ ଅଛି, ଏଠାରେ ଆତ୍ମାରେ-ପରିପୂର୍ଣ୍ଣ, ଅଭିଷିକ୍ତ, ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତି ଓ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ ସେବା କରିବା ସହିତ ଈଶ୍ୱରଙ୍କ ବାକ୍ୟର ବାସ୍ତବ ଶିକ୍ଷା ଏବଂ ବୁଦ୍ଧି ସମ୍ବନ୍ଧୀୟ ଉତ୍ସାହଜନକ ଅଧ୍ୟୟନ ଯୋଗାଇଥାଏ । ଈଶ୍ୱରିୟ ଚରିତ୍ର, ଈଶ୍ୱରଙ୍କ ବାକ୍ୟର ଗଭୀରତା,ଆଶ୍ଚର୍ଯ୍ୟ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଏବଂ ପ୍ରଭୁଙ୍କ ସହିତ ଘନିଷ୍ଠ ସମ୍ପର୍କରୁ ପ୍ରବାହିତ ସମସ୍ତ ବିଷୟକୁ ଗୁରୁତ୍ୱ ଦେଇ ସେବାକାର୍ଯ୍ୟ ପାଇଁ ବ୍ୟକ୍ତିର ସମ୍ପୂର୍ଣ୍ଣ ଉନ୍ନତି କରିବାରେ ଆମେ ବିଶ୍ୱାସ କରୁ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜରେ (APC-BC), ଉପଯୁକ୍ତ ତଥା ହିତଜନକ ଶିକ୍ଷା ସହ ଆମେ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କ ଅଲୌକିକ କାର୍ଯ୍ୟ ଉପରେ ଉପସ୍ଥାପନ କରୁ । ଅନେକ ଯୁବକ ଓ ଯୁବତୀମାନଙ୍କୁ ତାଲିମ ଦିଆଯାଇଅଛି ଏବଂ ସେମାନଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାକୁ ପଠାଯାଇଅଛି ।

ଆମେ ତିନୋଟି ପ୍ରୋଗ୍ରାମ ପ୍ରଦାନ କରୁ –

- ଏକ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ସାର୍ଟିଫିକେଟ (C.Th.)
- ଦୁଇ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ଡିପ୍ଲୋମା (Dip.Th.)
- ତିନି ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ବ୍ୟାଚଲର ଡିଗ୍ରୀ (B.Th.)

**ପ୍ରତ୍ୟେକ ସପ୍ତାହର ସୋମବାରରୁ ଶୁକ୍ରବାର ସମୟ ସକାଳ (UTC+5:30) 9 ଘଣ୍ଟାରୁ ମଧ୍ୟାହ୍ନ 12 ଘଣ୍ଟା** ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଆମେ ତିନୋଟି ଶିକ୍ଷଣୀୟ ବିକଳ୍ପ ପ୍ରଦାନ କରୁ –

- **କ୍ୟାମ୍ପସରେ:** କ୍ୟାମ୍ପସରେ ବ୍ୟକ୍ତିଗତ କ୍ଲାସରେ ଯୋଗ ଦେବା ।
- **ଅନଲାଇନ:** ଅନଲାଇନ ଲାଇଭ ଶିକ୍ଷାଦାନରେ ଯୋଗ ଦେବା ।
- **ଇ-ଲର୍ଣ୍ଣିଙ୍ଗ:** ଅନଲାଇନ ପୋର୍ଟାଲ **apcbiblecollege.org/elearn** ମାଧ୍ୟମରେ ନିଜେ ଶିକ୍ଷା ଗ୍ରହଣ କରିବା ।

**ଅନଲାଇନ ଆବେଦନ** କରିବା ନିମନ୍ତେ, ଏବଂ କଲେଜ,ପାଠ୍ୟକ୍ରମ, ଯୋଗ୍ୟତା, ପାଠ୍ୟକ୍ରମ ମୂଲ୍ୟ ବିଷୟରେ ଜାଣିବା ନିମନ୍ତେ ଓ ଆବେଦନ ଫର୍ମ ଡାଉନଲୋଡ କରିବା ନିମନ୍ତେ ୱେବସାଇଟ ଦେଖନ୍ତୁ - **apcbiblecollege.org**.

ଉଦ୍ଦୀପନା ପରମେଶ୍ୱରଙ୍କ ପରିଦର୍ଶନର ଏକ ଅନୁକୂଳ ସମୟ ଅଟେ । ଏହା ସ୍ୱର୍ଗରୁ ପୃଥିବୀ ଉପରେ ପବିତ୍ରଆତ୍ମାଙ୍କ ଭାରି ବୃଷ୍ଟିପାତର ଉପଯୁକ୍ତ ସମୟ ଅଟେ । ଈଶ୍ୱରଙ୍କ ପରିଦର୍ଶନ ସମୟରେ ଭିନ୍ନ ପ୍ରକାର ଘଟଣାମାନ ଘଟିଥାଏ । ଆମେ ପରମେଶ୍ୱରଙ୍କୁ ଉଦ୍ଦୀପନା ପଠାଇବା ପାଇଁ—ଏକ ଆତ୍ମିକ ବୃଷ୍ଟି କିମ୍ବା ତାହାଙ୍କ ପରିଦର୍ଶନ ପାଇଁ ପ୍ରାର୍ଥନା କରିଥାଉ, କିନ୍ତୁ ଉଦ୍ଦୀପନା ଯେତେବେଳେ ଆସେ ଆମେ କ'ଣ ସେଥିପାଇଁ ପ୍ରସ୍ତୁତ ରହୁ କି? ଉଦ୍ଦୀପନା ଆସିବା ଯେତେବେଳେ ଦେଖାଯାଏ ଆମେ ପ୍ରସ୍ତୁତ ହୋଇଯିବା ଆବଶ୍ୟକ ।

ଯେତେବେଳେ ଉଦ୍ଦୀପନା ଆସେ ଯେତେବେଳେ ମଣ୍ଡଳୀ କିଭଳି ଦେଖାଯିବ? ଯେତେବେଳେ ମଣ୍ଡଳୀରେ ଏକ ସ୍ୱର୍ଗୀୟ ଆତ୍ମିକ ବୃଷ୍ଟି, ଈଶ୍ୱରଙ୍କ ଏକ ଆତ୍ମିକ ପରିଦର୍ଶନ ହୁଏ ଏବଂ ଯଦି ଆପଣ ଓ ମୁଁ ସେହି ଉଦ୍ଦୀପନା ମଧ୍ୟରେ ଥାଉ ତେବେ ଆମ ପ୍ରତି କଣ ଘଟିବ? ଗୋଟିଏ ବିଷୟ ନିଶ୍ଚିତ ଯେ ଆମେ ବର୍ତ୍ତମାନ ମଣ୍ଡଳୀକୁ ଯେଉଁଭଳି ଦେଖୁଛୁ, ତାହା ଆଉ ସେହିପରି ନ ଥିବ । ଯେତେବେଳେ ଈଶ୍ୱର ଚଳପ୍ରଚଳ ହୁଅନ୍ତି ଓ ଆମେମାନେ ତାହାଙ୍କ ପରିଦର୍ଶନର ଅନୁକୂଳ ସମୟରେ ପ୍ରବେଶ କରୁ ସେହି ସମୟରେ ମାଣ୍ଡଳିକ ଜୀବନ କିପ୍ରକାର ହେବ ତାହାର ଏକ ଚିତ୍ର ବା ଦର୍ଶନ ଆମକୁ ପ୍ରଦାନ କରିବା ଏହି ପୁସ୍ତକର ଉଦ୍ଦେଶ୍ୟ ।

ଈଶ୍ୱରଙ୍କ ପ୍ରେରିତ ଭାରି ବୃଷ୍ଟିପାତ ପାଇଁ ପ୍ରସ୍ତୁତ ହୁଅନ୍ତୁ ।

**All Peoples Church & World Outreach**
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org